# ECHO OF HIS CALL

## ଆହ୍ବାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

ECHO OF HIS CALL 1969-2019 GOLDEN JUBILEE

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXV | MAY 2023 | No.03


### ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୩୨:୧-୮)

୧ ଯାହାର ଅପରାଧ କ୍ଷମା, ଯାହାର ପାପ ଆଚ୍ଛାଦିତ
ହୋଇଅଛି, ସେ ଧନ୍ୟ ।
୨ ସଦାପ୍ରଭୁ ଯାହା ପ୍ରତି ଅଧର୍ମର ଆରୋପ ନ କରନ୍ତି ଓ
ଯାହାର ଆତ୍ମାରେ ପ୍ରବଞ୍ଚନା ନାହିଁ, ସେ ଧନ୍ୟ ।
୩ ମୁଁ ମୌନୀ ହୋଇ ଥିବା ବେଳେ ଦିନଯାକ ଆର୍ତ୍ତନାଦ
କରିବା ଦ୍ୱାରା ମୋହର ଅସ୍ଥିସବୁ କ୍ଷୟ ପାଇଲା ।
୪ କାରଣ ଦିବାରାତ୍ର ତୁମ୍ଭ ହସ୍ତ ମୋ' ଉପରେ ଭାରୀ
ଥିଲା; ମୋହର ରସ ଗ୍ରୀଷ୍ମକାଳୀନ ଶୁଷ୍କତାରେ ପରିଣତ
ହେଲା ।
୫ ମୁଁ ତୁମ୍ଭ ନିକଟରେ ଆପଣା ପାପ ସ୍ୱୀକାର କଲି ଓ
ଆପଣା ଅଧର୍ମ ଲୁଚାଇଲି ନାହିଁ; ମୁଁ କହିଲି, ମୁଁ
ସଦାପ୍ରଭୁଙ୍କ ନିକଟରେ ଆପଣା ଅପରାଧ ସ୍ୱୀକାର
କରିବି; ତହିଁରେ ତୁମ୍ଭେ ମୋହର ପାପଘଟିତ ଅଧର୍ମ
କ୍ଷମା କଲ ।
୬ ଏଥିପାଇଁ ତୁମ୍ଭର ଉଦ୍ଦେଶ୍ୟ ପାଇ ପାରିବା ସମୟରେ
ପ୍ରତ୍ୟେକ ସଦ୍‌ଭକ୍ତ ଲୋକ ତୁମ୍ଭ ନିକଟରେ ପ୍ରାର୍ଥନା
କରୁ; ନିଶ୍ଚୟ ମହାଜଳରାଶି ଉଚ୍ଛୁଳିବା ସମୟରେ ତାହା
ତାହା ନିକଟକୁ ଆସିବ ନାହିଁ ।
୭ ତୁମ୍ଭେ ମୋହର ଲୁଚିବା ସ୍ଥାନ; ତୁମ୍ଭେ ସଙ୍କଟରୁ ମୋତେ
ରକ୍ଷା କରିବ; ତୁମ୍ଭେ ରକ୍ଷାର୍ଥକ ଗାୟନରେ ମୋହର
ଚତୁର୍ଦ୍ଦିଗ ବେଷ୍ଟନ କରିବ ।
୮ ମୁଁ ତୁମ୍ଭକୁ ଉପଦେଶ ଦେବି ଓ ତୁମ୍ଭର ଗନ୍ତବ୍ୟ ମାର୍ଗ
ଶିଖାଇବି; ମୁଁ ତୁମ୍ଭ ଉପରେ ଆପଣା ଦୃଷ୍ଟି ରଖି ତୁମ୍ଭକୁ
ମନ୍ତ୍ରଣା ଦେବି ।

# ସୂର୍ଯ୍ୟୋଦୟ ସମୟରେ

## AT THE BREAK OF DAWN!

ଭଉଣୀ ଆଞ୍ଜେଲାଇନ୍ ସେଲ୍‌ଭାକୁମାରୀ



ଆମ୍ଭମାନଙ୍କର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଅଭିବାଦନ । **ଆହ୍ବାନର ପ୍ରତିଧ୍ୱନି** ପତ୍ରିକା ମାଧ୍ୟମରେ ଆପଣମାନଙ୍କୁ ସାକ୍ଷାତ୍ କରିବା ଅତି ଆନନ୍ଦର ବିଷୟ ଅଟେ । ତାଙ୍କର ବିଶ୍ୱସ୍ତତା ମହାନ୍ । ଯିଏ ଏପର୍ଯ୍ୟନ୍ତ ଆମକୁ କଢ଼ାଇ ଆଣିଛନ୍ତି, ସେ ଆଗକୁ ମଧ୍ୟ ଆମକୁ ବହନ କରିବେ ।

**''ପରମେଶ୍ୱର ତହିଁର ମଧ୍ୟବର୍ତ୍ତୀ, ତାହା ବିଚଳିତ ହେବ ନାହିଁ, ପରମେଶ୍ୱର ଅତି ପ୍ରଭାତରେ ତାହାର ସାହାଯ୍ୟ କରିବେ''** (ଗୀତସଂହିତା ୪୬:୫) ।

ଏହା ଏକ ସୁନ୍ଦର ପ୍ରତିଜ୍ଞା । କିନ୍ତୁ, ଯେଉଁ ପରିସ୍ଥିତିରେ ଏହି ପ୍ରତିଜ୍ଞା ଦିଆଯାଇଛି, ତାହା ଗୁରୁତ୍ୱପୂର୍ଣ୍ଣ ଅଟେ । ଆସନ୍ତୁ, ଆମେ ଗୀତସଂହିତା ୪୬:୨ ପ୍ରତି ଦୃଷ୍ଟିପାତ କରିବା । ଏହା କହିଛି,

୧. ପୃଥିବୀ ପରିବର୍ତ୍ତିତ ହେଲେ, ୨. ପର୍ବତଗଣ ସମୁଦ୍ର ମଧ୍ୟରେ ବିଚଳିତ ହେଲେ ହେଁ,

୩. ତହିଁର ଜଳରାଶି ଗର୍ଜ୍ଜନ କରି ପ୍ରବଳ ହେଲେ ହେଁ,

୪. ପର୍ବତଗଣ କମ୍ପିତ ହେଲେ ହେଁ .....

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)




ଆହ୍ବାନର ପ୍ରତିଧ୍ୱନିର

ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!

ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ସକାଳ ୫ ଟାରେ

ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

ECHO OF HIS CALL - (1969-2019 GOLDEN JUBILEE YEAR)

# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



REACHING NATIONS



**ଆମର ମିଶନ ପଲିସୀ**

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।


CHIEF EDITOR
Angeline Selvakumari Henry, M.A., M.Ed.
MANAGING EDITOR
Pastor Alex Samson Sam, B.Th., M.Div.
ADMINISTRATION
Bro. N. Prakasam, M.A., General Manager
EDITORIAL BOARD
Sis. Jesy Veena Sam
Sis. Serena Bevin, M.A., M.Phil., B.Ed.
Dr. A. Richard Samuel, M.A., Ph.D.
Rev. Dr. K.R. Rajasekaran
EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 95661 31858
CORE LEADERS
Bro. K. Puratchivendan
Bro. A. Edward Durai
Bro. A. Alvin
Bro. K. Abraham
Sis. Dhanalakshmi Chinnaiah
E.mail ID
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.com
YOUTUBE CHANNEL
Echo of His Call


"... ଯେଉଁ ଜନ ସଦାପ୍ରଭୁଙ୍କଠାରେ ନିର୍ଭର ରଖେ, ତାହାର ଚତୁର୍ଦ୍ଦିଗରେ ଦୟା ବେଷ୍ଟନ କରିବ" (ଗୀତସଂହିତା ୩୨:୧୦) ।

## ପ୍ରିୟ ଭାଇ ଓ ଭଉଣୀମାନେ,

ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ମଧୁର ନାମରେ ଆପଣମାନଙ୍କୁ ଅଭିବାଦନ !

ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆମ ସେବାକାର୍ଯ୍ୟର ସମସ୍ତ କ୍ଷେତ୍ରରେ ଆମ ପ୍ରତି ଉତ୍ତମ ହୋଇଛନ୍ତି । ମଇ ମାସରେ ସମସ୍ତ ଶିକ୍ଷାନୁଷ୍ଠାନ ଖରାଛୁଟୀ ପାଇଁ ବନ୍ଦ ରହିବ । ସେଥିପାଇଁ, ଆସନ୍ତୁ, ସ୍ଥାନୀୟ ମଣ୍ଡଳୀଗୁଡ଼ିକ ସହିତ ଯୋଗ ଦେଇ ଈଶ୍ୱରଙ୍କ ରାଜ୍ୟର ସଂପ୍ରସାରଣ କରିବା ଦ୍ୱାରା କିଛି ସୁସମାଚାର ପ୍ରଚାର କାର୍ଯ୍ୟ କରିବା ପାଇଁ ଏହି ଦିନଗୁଡ଼ିକୁ ବ୍ୟବହାର କରିବା ।

ଆମେ ଜଗତ ପ୍ରତି ଦୃଷ୍ଟିପାତ କରିବା ସମୟରେ, ଯୁବକ ଯୁବତୀମାନେ ମଣ୍ଡଳୀ ଉପାସନାରୁ ଓ ସେବାକାର୍ଯ୍ୟରୁ ଦୂରେଇ ଯିବା ଦ୍ୱାରା ଈଶ୍ୱରଙ୍କଠାରୁ ମଧ ଦୂରେଇ ଯାଇଥିବାରୁ ଦେଖୁଛୁ । ଏହା ସମଗ୍ର ପୃଥିବୀରେ ଘଟୁଅଛି । ପିତାମାତାମାନେ ଓ ମଣ୍ଡଳୀ ପ୍ରଶାସକମାନେ ଏହି ବିଷୟରେ ବେଶୀ କିଛି କରିପାରୁ ନାହାଁନ୍ତି ।

ସେଥିପାଇଁ ଏହି ସୁଯୋଗକୁ ବ୍ୟବହାର କରି, ଜାଗତିକ ଲୋକମାନେ, ରାଜନେତାମାନେ ଓ ତଥାକଥିତ ଈଶ୍ୱରଙ୍କ ଦାସମାନେ ଅହିତକର ଶିକ୍ଷା ପ୍ରଚାର କରି ଏହି ଯୁବଗୋଷ୍ଠୀଙ୍କୁ ଅଧିକାର କରୁଛନ୍ତି ଓ ସେମାନଙ୍କୁ ଏହି ଜଗତର ଭୁଲ୍ ମାର୍ଗରେ ପ୍ରଶିକ୍ଷିତ କରୁଛନ୍ତି । ମଣ୍ଡଳୀ ଗୁଡ଼ିକରେ ଯୁବକଯୁବତୀମାନେ ପ୍ରାୟ ଅନୁପସ୍ଥିତ ରହୁଛନ୍ତି । ଏହା ଅତି ଯନ୍ତ୍ରଣାଦାୟକ ଅଟେ । ଯଦିଓ ପରିବାରର ବରିଷ୍ଠ ସଦସ୍ୟମାନେ ସେମାନଙ୍କୁ ଈଶ୍ୱରଙ୍କ ସ୍ୱର୍ଗୀୟ ଛାୟା ଅଧୀନରେ ରଖିବା ପାଇଁ ଚେଷ୍ଟା କରୁଛନ୍ତି, ତଥାପି ସେମାନେ ଈଶ୍ୱରଙ୍କ ମାର୍ଗକୁ ଅବଜ୍ଞା କରି ନିଜ ଇଚ୍ଛାନୁସାରେ କାର୍ଯ୍ୟ କରିବାକୁ ଚାହୁଁଛନ୍ତି ।

ସେଥିପାଇଁ ସମଗ୍ର ପୃଥିବୀର ପିଲା ଓ ଯୁବାମାନଙ୍କ ମଧରେ ଏକ ଉଦ୍ଦୀପନା ପ୍ରେରଣ କରିବା ପାଇଁ ପ୍ରଭୁଙ୍କ ନିକଟରେ ଅତ୍ୟଧିକ ପ୍ରାର୍ଥନା କରିବା ଓ ତାଙ୍କ ଉପରେ ଚାପ ପକାଇବା ନିମନ୍ତେ ଖ୍ରୀଷ୍ଟିଆନ ପିତାମାତା ଓ ନେତାମାନଙ୍କ ପାଇଁ ଏହା ଏକ ପ୍ରକୃଷ୍ଟ ସମୟ ଅଟେ । ଆମେ ଈଶ୍ୱରଙ୍କ ଲୋକମାନଙ୍କୁ ନେଇ ଗୋଟିଏ ଛୋଟ ଦଳ ଗଠନ କରିଛୁ ଯେଉଁମାନେ ସେହି ସମାନ ବୋଝର ସହିତ ପ୍ରାର୍ଥନା କରିବା ଆରମ୍ଭ କରିଛନ୍ତି । ଆପଣମାନେ ଛୋଟ ପିଲା ଓ ଯୁବକଯୁବତୀମାନଙ୍କର ନାମ ସବୁ ପ୍ରେରଣ କରି ଆମକୁ ସାହାଯ୍ୟ କରିପାରିବେ ଯେପରିକି ଆମେ ସେମାନଙ୍କୁ ଅନୁଗ୍ରହ ସିଂହାସନ ସମ୍ମୁଖରେ ତୋଳି ଧରି ପାରିବୁ । ଆପଣମାନେ ଏଥିପାଇଁ କୌଣସି ଅର୍ଥ ପ୍ରେରଣ କରିବା ଆବଶ୍ୟକ ନୁହେଁ । ଏହା ପରିବର୍ତ୍ତେ, ଆପଣମାନେ ମଧ ଆମ ସହିତ ଏକ ଚିତ୍ତରେ ଏହି "ଗ୍ଲୋବାଲ୍ ଭିଜନ୍ ଫର୍ ଯୁଥସ୍ ଏଣ୍ଡ କିଡ୍‌ସ କେୟାର" କାର୍ଯ୍ୟକ୍ରମ ନିମନ୍ତେ ପ୍ରାର୍ଥନା କରିପାରିବେ । ଏହି ପରିପ୍ରେକ୍ଷୀରେ ଆମେ ଆପଣମାନଙ୍କର ମତାମତ ଚାହୁଁଛୁ ।

ପ୍ରଥମରେ, ଆମେ ସମସ୍ତ ଦେଶର ସମସ୍ତ ପିଲା ଓ ଯୁବାମାନଙ୍କ ପାଇଁ ପ୍ରତିଦିନ ରାତ୍ରି ୧୦ କୁ ପ୍ରାର୍ଥନାର ସମୟ ବୋଲି ସ୍ଥିର କରିଅଛୁ । ଆପଣ ଆପଣଙ୍କ ଦେଶର ସମୟ ଅନୁସାରେ ରାତ୍ରି ୧୦ରେ ପ୍ରାର୍ଥନା କରିପାରିବେ ।

ଯେତେବେଳେ ଈଶ୍ୱରଙ୍କ ଲୋକମାନେ ଏକତ୍ର ଏକ ଚିତ୍ତରେ କୌଣସି ନିର୍ଦ୍ଦିଷ୍ଟ ବିଷୟ ନିମନ୍ତେ ସଂଯୁକ୍ତ ହୁଅନ୍ତି, ସେତେବେଳେ ସ୍ୱର୍ଗସ୍ଥ ପିତା ଉତ୍ତର ଦିଅନ୍ତି ବୋଲି ଆମେ ଜାଣିଛୁ । ଯଦି ଆପଣମାନେ ଏହିପରି ପିଲା ଓ ଯୁବାମାନଙ୍କର ଉତ୍ତମ ସାକ୍ଷ୍ୟ ସବୁ ପାଇବେ, ତେବେ ଦୟାକରି ସେଗୁଡ଼ିକୁ ଆମ ନିକଟକୁ ପ୍ରେରଣ କରିବେ । ଆମେ ଉପଯୁକ୍ତ ସାକ୍ଷ୍ୟଗୁଡ଼ିକୁ ପ୍ରକାଶ କରିବାକୁ ଚେଷ୍ଟା କରିବୁ ।

ଆମେ ଆପଣମାନଙ୍କ ନିମନ୍ତେ ପ୍ରାର୍ଥନା କରୁଅଛୁ । ଆମେ ଯେ କୌଣସି ମାଧମରେ ପୃଥିବୀର ସମସ୍ତ ଦେଶରେ ଗୌରବମୟ ସୁସମାଚାର ପ୍ରଚାର କରିବା ପାଇଁ ସଂପୂର୍ଣ୍ଣ ହୃଦୟର ସହିତ ଚେଷ୍ଟା କରୁଅଛୁ । ଦୟାକରି ଆମ ସହିତ ପ୍ରାର୍ଥନାରେ ଯୋଗ ଦିଅନ୍ତୁ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।


**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

**ପାଳକ ଏସ୍. ସାମ୍ ସେଲ୍‌ଭାରାଜ୍ ଓ ଆଲେକ୍ସ ସାମସନ୍ ସାମ୍**

(+91) 98412 71858 / 98410 71858, E.mail : samselvaraj333@gmail.com



Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) Media Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଏହିପରି ଭାବରେ, ଯେତେବେଳେ ପ୍ରତ୍ୟେକଟି ବିଷୟ ଗତିଶୀଳ, କମ୍ପିତ ଓ ଅସ୍ଥିର ଥିଲା, ସେତେବେଳେ ସେହି ସମସ୍ତ ମଧ୍ୟରେ ଈଶ୍ୱର ରହିଛନ୍ତି । ଏପରିକି ଯେତେବେଳେ ଆମ ଚତୁଃପାର୍ଶ୍ୱସ୍ଥିତ ସମସ୍ତ ବିଷୟ ଗତିଶୀଳ ରହିଥାଏ, ସେତେବେଳେ ମଧ୍ୟ ଆମେ ଗତିଶୀଳ ହେବା ନାହିଁ । ଈଶ୍ୱର ସମସ୍ତ ଗତି, କମ୍ପନ ଓ ଝଡ଼ ମଧ୍ୟରେ ଅଛନ୍ତି । ସେ ପ୍ରତ୍ୟୁଷ ସମୟରେ ଆମକୁ ସାହାଯ୍ୟ କରିବେ । କାରଣ ଈଶ୍ୱର ଉତ୍ତମ ଅଟନ୍ତି । ସେ ଯାହା କିଛି କରନ୍ତି, ତାହା ଉତ୍ତମ ଅଟେ । ସେ ଅସମ୍ଭବଗୁଡ଼ିକର ଈଶ୍ୱର ଅଟନ୍ତି ।

ଆପଣ ଯେଉଁ ସମସ୍ତ ବିଷୟ ସହିତ ସଂଘର୍ଷ କରୁଛନ୍ତି, ଯୁଦ୍ଧ କରୁଛନ୍ତି, ଯେଉଁ ପ୍ରାର୍ଥନା ଗୁଡ଼ିକର ଉତ୍ତର ଏପର୍ଯ୍ୟନ୍ତ ମିଳି ନାହିଁ, ଯେଉଁ ସବୁ ବିଷୟ ଆପଣଙ୍କୁ ବନ୍ଧନରେ ରଖିଛି, ଯେଉଁ ପରିସ୍ଥିତିଗୁଡ଼ିକ ଆପଣଙ୍କୁ ସୀମିତ କରିଅଛି, ସେହି ସମସ୍ତ ବିଷୟ ଯୀଶୁଙ୍କ ନାମରେ ଭଗ୍ନ ହେବ କାରଣ ସେ **"ଅତି ପ୍ରଭାତରେ ଆମକୁ ସାହାଯ୍ୟ କରିବେ"** (ଗୀତ ୪୬:୫) ।

## ୧. ସୂର୍ଯ୍ୟୋଦୟ କିମ୍ବା ପ୍ରତ୍ୟୁଷ ସମୟର ଗୁରୁତ୍ୱ କ'ଣ ?

### କ. ପ୍ରତ୍ୟୁଷ ଏକ ନୂତନ ସମୟର ଆରମ୍ଭ ଅଟେ

ଯିହୁଦୀ କ୍ୟାଲେଣ୍ଡର ଅନୁସାରେ, ପ୍ରତ୍ୟୁଷ ପୂର୍ବରୁ ୯ କିମ୍ବା ୧୦ ଘଣ୍ଟା ପର୍ଯ୍ୟନ୍ତ ଅନ୍ଧକାର ପୃଥିବୀକୁ ଆଚ୍ଛନ୍ନ କରି ରହିଥାଏ । ୧୨ଟା ଓ ସକାଳ ୩ଟା ମଧ୍ୟରେ ଧୀରେ ଧୀରେ ଅନ୍ଧକାର ଦୂର ହୋଇ ଆଲୋକ ଆସିବା ଆରମ୍ଭ ହୁଏ । ଏହାପରେ ଗୋଟିଏ ନୂତନ ଦିନ ଓ ଗୋଟିଏ ନୂତନ ସମୟ ଆରମ୍ଭ ହୁଏ । ଆମେ କାହିଁକି ଝଡ଼, କମ୍ପନ ଓ ବିଶୃଙ୍ଖଳାର ସମୟ ମଧ୍ୟ ଦେଇ ଯାତ୍ରା କରିବା ଆବଶ୍ୟକ ?

### ଖ. ପ୍ରତ୍ୟୁଷ ଏକ ପରିବର୍ତ୍ତନର ସମୟ ଅଟେ !

ପ୍ରତ୍ୟୁଷ ରାତ୍ରି ଓ ଦିନ ମଧ୍ୟରେ ଏକ ପରିବର୍ତ୍ତନର ସମୟ ଅଟେ । ଏହା ଗୋଟିଏ ସମୟରୁ ଅନ୍ୟ ଏକ ସମୟକୁ, ଗୋଟିଏ ପର୍ଯ୍ୟାୟରୁ ଅନ୍ୟ ଏକ ପର୍ଯ୍ୟାୟକୁ ଗତି କରୁଥାଏ । ପରିବର୍ତ୍ତନ ଏକ ଅନିଶ୍ଚିତତାର ସମୟ ଅଟେ, ଯେଉଁଠାରେ ଜଣେ ବ୍ୟକ୍ତି ପରବର୍ତ୍ତୀ ପଦକ୍ଷେପ ନେବା ବିଷୟରେ ଅନିଶ୍ଚିତ ଥାଏ । ସେ ଏହି ମାର୍ଗରେ ଯିବ କି ଅନ୍ୟ ମାର୍ଗରେ ଯିବ ? ଏହା ଏକ ପାଟିତୁଣ୍ଡ ଓ ବିଶୃଙ୍ଖଳାର ସମୟ ଅଟେ । ଜଣେ ବ୍ୟକ୍ତି ଗୋଟିଏ ନିଷ୍ପତ୍ତି ନେବା ପାଇଁ ସଂଘର୍ଷ କରୁଥାନ୍ତି । ଏହା ଏକ ଭୟର ସମୟ ମଧ୍ୟ ଅଟେ । କ'ଣ ଘଟୁଅଛି ଓ କ'ଣ ଘଟିବ ଏହି ବିଷୟର ଭୟ । ଆପଣ ଏହା ଜାଣିବା ଆବଶ୍ୟକ ଯେ ଆପଣ ଏହି ପରିବର୍ତ୍ତନର ସମୟକୁ ଏକ ବିଶୃଙ୍ଖଳା, ବିରୋଧ ଓ ଅନିଶ୍ଚିତତାର ସମୟ ଭାବରେ ଦେଖନ୍ତୁ ବୋଲି ଜଗତ ଓ ଶୟତାନ ଇଚ୍ଛା କରନ୍ତି । କିନ୍ତୁ, ଆମେ ଏହି ସମୟକୁ ଏକ ବିରତିର ସମୟ ଭାବରେ ଦେଖୁ ବୋଲି ଈଶ୍ୱର ଇଚ୍ଛା କରନ୍ତି । 'ପ୍ରାରମ୍ଭ' ଶବ୍ଦଟିକୁ ଲକ୍ଷ୍ୟ କରନ୍ତୁ । ... ଏହା କୌଣସି ବିଷୟକୁ ଶ୍ୱାସବାୟୁ ଭାବରେ ଗ୍ରହଣ କରିବା ଅଟେ । ଈଶ୍ୱର ଏହାକୁ ସଫଳ ହେବାର ଏକ ଆରମ୍ଭ ସମୟ ଭାବରେ ଦେଖନ୍ତି ଯେଉଁଠାରେ ଆପଣ କିଛି ସମୟ ଅଟକି ପୁଣି ବାହାରି ଆସନ୍ତି ।

ଗୋଟିଏ ମଣ୍ଡଳୀ, ଗୋଟିଏ ପରିବାର ଓ ବ୍ୟକ୍ତି ବିଶେଷ ଭାବରେ, ଆମେ ସମସ୍ତେ ପରବର୍ତ୍ତୀ ସ୍ତରକୁ ଅଗ୍ରସର ହେବା ସମୟରେ, ଆମେ ଏହାକୁ ଅଭିବୃଦ୍ଧି, ପରିପକ୍ୱତା ଓ ଏହା ସଫଳତାର ନୂତନ ସମୟ ଭାବରେ ଆବିଷ୍କାର କରୁ । ଅନ୍ଧକାର ଭଗ୍ନ ହେବାର ଅର୍ଥ ପ୍ରତ୍ୟୁଷ ଅଟେ ।

### ଗ. ପ୍ରତ୍ୟୁଷ ଏକ ଆତ୍ମିକ କଲ୍ୟାଣର ସମୟ ଅଟେ ।

ପ୍ରାରମ୍ଭିକତା ସହଜ ନୁହେଁ । ଏହା ଭଗ୍ନ କରି ବାହାରି ଆସୁଥାଏ । ଏହା ଏକ ଯୁଦ୍ଧ, ଏହା ଏକ ସଂଘର୍ଷ । ଆପଣ ଅନ୍ଧକାରକୁ ଭଗ୍ନ କରୁଥାଆନ୍ତି । ଏହା ବିନା ପ୍ରଚେଷ୍ଟାରେ ଘଟି ଆଲୋକ ଆଣେ ନାହିଁ । ଈଶ୍ୱର ଆମକୁ ଏକ ପ୍ରାରମ୍ଭିକ ସମୟ ମଧ୍ୟକୁ ଆହ୍ୱାନ କରୁଛନ୍ତି । ଆମେ ଆମ ସନ୍ତାନମାନଙ୍କ ନିମନ୍ତେ, ଆମ ପରିବାର ନିମନ୍ତେ, ଆମ ମଣ୍ଡଳୀ ନିମନ୍ତେ, ଆମ ସହର ନିମନ୍ତେ, ଆମ ଦେଶ ନିମନ୍ତେ ଓ ଆମର ଜଗତ ନିମନ୍ତେ 'ସଫଳତାର ଆରମ୍ଭ ସମୟ' ଆଣୁ ବୋଲି ସେ ଆମକୁ ସ୍ଥାପନ କରିଛନ୍ତି । ଆମେନ୍ ! ଏହା ଏକ ଆତ୍ମିକ ସଫଳତା ଆରମ୍ଭର ସମୟ ଅଟେ ।

## ଯୁବା ଓ ପିଲାମାନଙ୍କ ଯତ୍ନ ପାଇଁ ବିଶ୍ୱସ୍ତରୀୟ ଦର୍ଶନ

## GLOBAL VISION FOR YOUTH & KID CARE

ଈଶ୍ୱର ଯୁବପିଢିଙ୍କ କଲ୍ୟାଣ ପାଇଁ ଓ ପିଲାମାନଙ୍କ ଓ ଯୁବକଯୁବତୀମାନଙ୍କ ନିମନ୍ତେ ପ୍ରାର୍ଥନା କରିବା ଦ୍ୱାରା ଓ ଈଶ୍ୱରଙ୍କ ରାଜ୍ୟ ପାଇଁ ସେମାନଙ୍କୁ ସୁସଜ୍ଜିତ କରିବା ଦ୍ୱାରା ସମସ୍ତ ଦେଶରେ ଥିବା ଏହି ପିଢି ପ୍ରତି ବିଶେଷ ଦୃଷ୍ଟି ପ୍ରଦାନ କରିବା ପାଇଁ ଆମକୁ ଏକ ସ୍ୱତନ୍ତ୍ର ଦାୟିତ୍ୱ ପ୍ରଦାନ କରିଛନ୍ତି ।

ଆମେ ବିଶ୍ୱସ୍ତରରେ ଈଶ୍ୱରଙ୍କ ଲୋକମାନଙ୍କର ଏକ ଛୋଟ ଦଳ ପ୍ରତିଷ୍ଠା କରିଛୁ ଯେଉଁମାନେ ସମାନ ବୋଝ ରଖିଛନ୍ତି ଓ ପ୍ରତିଦିନ ରାତି ୧୦ଟାରେ (ଆପଣଙ୍କ ଦେଶର ସ୍ଥାନୀୟ ସାଧାରଣ ସମୟ) ଏକ ଚିତ୍ତରେ ପ୍ରାର୍ଥନା କରିବା ଆରମ୍ଭ କରିଛନ୍ତି । ଆମ ସହିତ ଯୋଗ ଦେବା ପାଇଁ ଆପଣମାନଙ୍କୁ ସ୍ୱାଗତ ଜଣାଉଅଛୁ । ଦୟାକରି ଆପଣମାନଙ୍କର ଆଗ୍ରହ ବିଷୟରେ ଆମକୁ ଜଣାନ୍ତୁ । ଆମେ ଆପଣମାନଙ୍କୁ ଉତ୍ତର ଦେବୁ ।



ଆହୁରି ମଧ୍ୟ, ଯଦି ଆପଣମାନେ ଆପଣମାନଙ୍କୁ ପୁତ୍ରକନ୍ୟା ଓ ପୌତ୍ର ପୌତ୍ରୀମାନଙ୍କ ଆତ୍ମିକ କଲ୍ୟାଣ ବିଷୟରେ ଚିନ୍ତିତ ଅଛନ୍ତି, ତେବେ ଆପଣମାନେ ସେମାନଙ୍କ ନାମ, ବୟସ ଓ ସେମାନଙ୍କର ଯେ କୌଣସି ଆବଶ୍ୟକତା ବିଷୟରେ ଆମକୁ ଜଣାଇପାରିବେ । ଯଦି ଆପଣମାନେ ୩୫ ବର୍ଷରୁ କମ୍ ବୟସର ଅଟନ୍ତି, ତେବେ ମଧ୍ୟ ଆପଣମାନେ ସିଧାସଳଖ ନିଜ ନିଜର ନାମ ଲେଖାଇ ପାରିବେ । ଦୟାକରି ଏଥି ନିମନ୍ତେ କୌଣସି ଅର୍ଥ ପ୍ରେରଣ କରନ୍ତୁ ନାହିଁ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।

Our contact details:
**GLOBAL VISION FOR YOUTH & KID CARE**
**Echo of His Call**
Mobile & WhatsApp No : +91- 98412 71858 &
+91- 98410 71858
E.mail ID : sam@echoofhiscall.org

ଆମେ ଯେଉଁ ସବୁ ଅନ୍ଧକାର ଓ ଅସମ୍ଭବ ବିଷୟଗୁଡ଼ିକୁ ଦେଖୁ, ସେଗୁଡ଼ିକ ଶେଷ ନୁହେଁ ମାତ୍ର ଆମ ସଫଳତାର ମାଧ୍ୟମ ଅଟେ ।

ଆମେ ଏହା ଦେଖିବା ଯେ ଅନ୍ଧକାର ଓ ଅସମ୍ଭବ ବିଷୟଗୁଡ଼ିକ ଶେଷ ନୁହେଁ, ମାତ୍ର ଆମ ସଫଳତାର ଆରମ୍ଭ ଅଟେ । ଏଲୀୟ ଶାରୀରିକ, ମାନସିକ ଆତ୍ମିକ ଓ ଆବେଗିକ ଭାବରେ କ୍ଲାନ୍ତଶ୍ରାନ୍ତ ହୋଇ ବସିଥିଲେ । ତାଙ୍କ ପକ୍ଷେ ବଞ୍ଚିବା ଅସମ୍ଭବ ଥିଲା । ଏହା ତାଙ୍କ ଜୀବନର ଅତି ଅନ୍ଧକାରର ସମୟ ଥିଲା । ଏଲୀୟ ବାଲ୍‌ର ଯାଜକମାନଙ୍କ ବିରୁଦ୍ଧରେ ଏକ ଉଦ୍ଦୀପନାମୂଳକ କାର୍ଯ୍ୟ କରିବା ପରେ, ଏକାକୀ ତାହା ପରିଚାଳନା କରିବା ପରେ, ସେ ନିହତ ହେବାକୁ ଯାଉଛନ୍ତି ବୋଲି ସେ ଶୁଣିଥିଲେ । ସେ ନିଜ ଜୀବନ ପାଇଁ ଏତେ ଭୟଭୀତ ଥିଲେ ଯେ ସେ ଆଉ କିଛି ଭାବି ପାରୁ ନ ଥିଲେ । ସେ କହିଥିଲେ, "... ଏବେ ହେ ସଦାପ୍ରଭୁ, ଯଥେଷ୍ଟ ହେଲାଣି, ଏବେ ମୋ' ପ୍ରାଣ ନିଅ, କାରଣ ମୁଁ ଆପଣା ପୂର୍ବପୁରୁଷମାନଙ୍କ ଠାରୁ ଭଲ ନୁହେଁ" (୧ ରାଜାବଳି ୧୯:୪) ।

ସବୁକିଛି ଶେଷ ହୋଇଗଲା ଓ ଚତୁର୍ଦ୍ଦିଗରେ ଅନ୍ଧକାର ଥିଲା ବୋଲି ସେ ଅନୁଭବ କରିଥିଲେ । ସେ ଯେ ବର୍ତ୍ତମାନ ଏକ ପରିବର୍ତ୍ତନର ସମୟ ମଧ୍ୟରେ ଥିଲେ, ଏହା ସେ ଉପଲବ୍ଧି କରି ନ ଥିଲେ । ସେ ଏକ ମଧ୍ୟବର୍ତ୍ତୀ ସମୟ ମଧ୍ୟରେ ଥିଲେ । ସେ ପ୍ରତ୍ୟୁଷକୁ ନୁହେଁ, ମାତ୍ର ଅନ୍ଧକାରକୁ ଦେଖିଥିଲେ । ଈଶ୍ୱର ତାଙ୍କୁ ଅନ୍ଧକାରକୁ ଭଗ୍ନ କରିବା ପାଇଁ ରଖିଥିଲେ । ଏହି ବର୍ଷ ଈଶ୍ୱର ଆମ ମଧ୍ୟରୁ କେତେ ଜଣଙ୍କୁ ପରିବର୍ତ୍ତନର ସମୟ ମଧ୍ୟରେ ରଖିଛନ୍ତି ଯେପରିକି ଆମେ ଭଗ୍ନ କରିବାର ବିଷୟ – ଅନ୍ଧକାରକୁ ଭଗ୍ନ କରିବାର ବିଷୟ ହୋଇ ଆଲୋକକୁ ଆଣିପାରିବୁ । ଆମେନ୍ ବୋଲି କୁହନ୍ତୁ । "... ଭଗ୍ନକାରୀ ସେମାନଙ୍କର ଅଗ୍ରଗାମୀ ହୋଇଅଛନ୍ତି ..." (ମୀଖା ୨:୧୩) । ଆମେନ୍ । ସେ ଅନ୍ଧକାରକୁ ଭଗ୍ନ କରି ଆମକୁ ଆଲୋକ ମଧ୍ୟକୁ କଢ଼ାଇ ନେବା ପାଇଁ ଆମର ଆଗେ ଆଗେ ଗମନ କରିବେ । "... ସେମାନେ ବେଢ଼ା ଭାଙ୍ଗି ଦ୍ୱାର ପର୍ଯ୍ୟନ୍ତ ଯାଇଅଛନ୍ତି ଓ ସେହି ଦ୍ୱାର ଦେଇ ବାହାରି ଯାଇଅଛନ୍ତି (ମୀଖା ୨:୧୩) । ଆମେନ୍ ।

ଯାହା କିଛି ଆପଣଙ୍କୁ ଧରି ରଖିଛି, ଯାହା କିଛି ଆପଣଙ୍କୁ ଅନ୍ଧକାରରେ ରଖିଛି, ଯାହା କିଛି ଆପଣଙ୍କୁ ଖଣ୍ଡ ବିଖଣ୍ଡିତ କରିଛି, ଆପଣଙ୍କୁ ସୀମିତ କରିଛି, ସେହି ସବୁ ମଧ୍ୟରୁ ଈଶ୍ୱର ଯୀଶୁଙ୍କ ନାମରେ ଆପଣଙ୍କୁ ବାହାର କରୁଛନ୍ତି । "ଆପଣମାନେ ଏହା ମଧ୍ୟରୁ ବାହାରି ଆସିବେ", କାରଣ ସେ ଆପଣଙ୍କ ଆଗେ ଆଗେ ଗମନ କରୁଛନ୍ତି । "ହେ ନଗର ଦ୍ୱାର ସକଳ, ମସ୍ତକ ଟେକ ...., ତହିଁରେ ଗୌରବମୟ ରାଜା ପ୍ରବେଶ କରିବେ । ଗୌରବମୟ ରାଜା କିଏ ?" (ଗୀତ ୨୪:୭–୯) ।

ଗୋଟିଏ ପ୍ରସିଦ୍ଧ ଗୀତରେ ଲେଖାଅଛି –

*"କିଏ ମୋ' ଆଗେ ଆଗେ ଯାଉଛନ୍ତି,*
*ତାହା ମୁଁ ଜାଣେ, କିଏ ମୋ ପଛେ ପଛେ ଯାଉଛନ୍ତି,*
*ତାହା ମୁଁ ଜାଣେ । ଦୂତମାନଙ୍କ ସୈନ୍ୟବାହିନୀର*
*ଈଶ୍ୱର ମୋ' ପାଖରେ ଅଛନ୍ତି କେହି*
*ମୋ' ବିରୁଦ୍ଧରେ ଠିଆ ହେବ ନାହିଁ ।"*

**ଈଶ୍ୱର ମୋହର ସହବର୍ତ୍ତୀ, ମୁଁ ଭୟ କରିବି ନାହିଁ ।**

ପୂର୍ବରୁ ଯେପରି ଉଲ୍ଲେଖ କରାଯାଇଛି, ସେହିପରି ଏକ ବକ୍ର ସ୍ଥାନ ହେଉଛି ଅନ୍ଧକାର ମଧ୍ୟରୁ ବାହାରି ଆସି ବିଜୟୀ ଭାବରେ ଆଲୋକ ମଧ୍ୟକୁ ଆସିବା ।

## ୨. କାହା ମଧ୍ୟରୁ ବାହାରି ଆସିବା ?

ଅନ୍ଧକାର – ଅନ୍ଧକାର କାହାର ପ୍ରତୀକ ?

### କ. ମନ୍ଦତାର ଆଧିପତ୍ୟ

ଅନ୍ଧକାର ଶୟତାନିକ ଅଟେ । ଏହା ଅନ୍ଧକାରର ଅଧିପତି ନାମକ ଶୟତାନର ପ୍ରତୀକ ଅଟେ । ଅନ୍ଧକାର ଏକ କର୍ତ୍ତାପଣ । କଲସୀ ୧:୧୩ କହିଛି, "ସେ ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ବାହାର କରି ଆପଣା ପ୍ରେମ ପାତ୍ର ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତର କରିଅଛନ୍ତି ।" କ୍ଷମତା ଏପରି ବିଷୟ ଯାହା କର୍ତ୍ତୃତ୍ୱ କରେ । ଆମ ମଧ୍ୟରୁ କେତେ ଜଣ ଏପରି ଅନୁଭବ କରନ୍ତି ଯେପରିକି ଆମ ଜୀବନରେ ଏପରି କେହି ଅଛି ଯିଏ ଶେଷ ବାକ୍ୟ ଉଚ୍ଚାରଣ କରିବ କିମ୍ବା ଶେଷ ବଟନ୍ ଚାପିବ ଓ ଏଥିରେ ଆମର କିଛି କହିବାର ଅଧିକାର ରହିବ ନାହିଁ । ପ୍ରତ୍ୟୁଷ ହେଉଛି, ଅନ୍ଧକାରର କର୍ତ୍ତୃତ୍ୱକୁ ଭଗ୍ନ କରିବା ।

ଅନ୍ଧକାରର ଅର୍ଥ ଏହା ମଧ୍ୟ ଅଟେ, ଯାହା ପାପପୂର୍ଣ୍ଣ, ଯାହା ଆଧିପତ୍ୟ କରେ, ଯାହା ଦମନ କରେ, ଯାହା ଆମକୁ ନିୟନ୍ତ୍ରଣ କରେ, ଆପଣ ହୁଏତ ଆପଣଙ୍କୁ ବନ୍ଦୀ କରିଥିବା ଏକ ଅଭ୍ୟାସ ସହିତ ସଂଘର୍ଷ କରୁଛନ୍ତି ଓ ବାହାରି ଆସିବାକୁ ଇଚ୍ଛା କଲେ ମଧ୍ୟ ବାହାରି ପାରୁ ନାହାନ୍ତି । ଆପଣ କ'ଣ ଏହା ଜାଣନ୍ତି କି, କେତେକ ତଥାକଥିତ ପରିପକ୍ୱ ଖ୍ରୀଷ୍ଟିଆନ ମଧ୍ୟ ପାପର ବନ୍ଧନରୁ ବାହାରିବା ପାଇଁ ସଂଘର୍ଷ କରୁଛନ୍ତି ? ଯନ୍ତ୍ର ବିଜ୍ଞାନର ଅଗ୍ରଗତି ସହିତ, ପ୍ରତ୍ୟେକ ଜଣ ସେମାନଙ୍କ ହାତର ପାପୁଲି ସାହାଯ୍ୟରେ ଇଣ୍ଟରନେଟ ମଧ୍ୟରେ ପ୍ରବେଶ କରି ପାରୁଛନ୍ତି । ଅନୁମାନ କରି ପାରୁଛନ୍ତି କି ? ଏହା ପାପ ମଧ୍ୟକୁ ଏପରି ଅନେକ ଦ୍ୱାର ଉନ୍ମୁକ୍ତ କରିଅଛି, ଯାହାକୁ ଆମେ କଳ୍ପନା ମଧ୍ୟ କରିପାରିବା ନାହିଁ । ସାମାଜିକ ଗଣ–ମାଧ୍ୟମରେ ଆସକ୍ତି, ଟିକ୍‌ଟକ୍ ଓ ୟୁ–ଟ୍ୟୁବ୍‌ରେ ଘଣ୍ଟା ଘଣ୍ଟା ସମୟ କାଟିବା ଓ ବୟସକୁ ବିଚାର ନ କରି ଅଶ୍ଳୀଳ ଚିତ୍ର କିମ୍ବା ଚଳଚ୍ଚିତ୍ର ପ୍ରତି ଆସକ୍ତ ହେବା ଆଜିର ଯୁଗର ବିଶେଷତ୍ୱ ଅଟେ । ଏପରିକି ଛୋଟ ଛୋଟ ପିଲାମାନେ ମଧ୍ୟ ମୋବାଇଲ କିମ୍ବା ସେହିପରି କିଛି ପାଉଥିବାରୁ ଅଶ୍ଳୀଳତା ପ୍ରତି ଆସକ୍ତ ହେଉଛନ୍ତି ।

ଅନ୍ଧକାରର ଅଧିପତି ଆମର ସମୟ, ଆମର ଚିନ୍ତା ଓ ଆମର ଆବେଗ ମଧ୍ୟରେ ମନ୍ଦତା ପ୍ରବେଶ କରାଇ ସେଗୁଡ଼ିକୁ ସଂପୂର୍ଣ୍ଣ ଭାବରେ ଅଧିକାର କରି ନେଇଛି । ଏହା ଆମର ଶାନ୍ତି, ଆମ ପାରିବାରିକ ସଂପର୍କ, ଈଶ୍ୱରଙ୍କ ସହିତ ଆମର ସଂପର୍କକୁ ଯେ ନଷ୍ଟ କରୁଅଛି ଓ ଆମର ହୃଦୟ, ମନ ଓ ଆତ୍ମାକୁ ଯେ କଳୁଷିତ

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)


नहेम्याह बाइबल कॉलेज
रेसिडेन्शल कॉलेज, चेन्नई।

माध्यमः हिन्दी

ECHO OF HIS CALL 1969-2019 REACHING NATIONS

ATA Regd. Candidate for Membership NEHEMIAH BIBLE COLLEGE CHENNAI ECHO OF HIS CALL Estd. 1969

*सदस्यता के लिए पंजीकृत उम्मीदवार* - ATA

सुविख्यात अंतर्राष्ट्रीय मसीही अगुवे तथा पिछले 53 वर्षों से सेवारत वरिष्ठ पासवान

सर्टिफिकेट इन थियोलॉजी — 1 साल
डिप्लोमा ऑफ थियोलॉजी — 2 साल

योग्यता 10 वी या अधिक
जल्दी करें!

**Contact : The Chairman, Nehemiah Bible College.**
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
★ ऑनलाइन कक्षाएं उपलब्ध हैं ★

GREAT COMMISSION PARTNERS

ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୩ ମଇ ୧୯ ରୁ ୨୦୨୩ ଜୁନ୍ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ପ୍ରଶଂସାର ବିଷୟ

ମଇ ୧୯ ⇨ ଆମର ଛାପାକଳ ଓ ୧୬ଟି ଭାଷାରେ ପ୍ରକାଶ ପାଉଥିବା ଓ ମିଶନକ୍ଷେତ୍ରଗୁଡ଼ିକୁ ପ୍ରେରଣ କରାଯାଉଥିବା ପ୍ରକାଶନ ଉପରେ ଈଶ୍ୱର ଆଶୀର୍ବାଦ କରିଛନ୍ତି ।

ମଇ ୨୦ ⇨ ଆମର ସେବାକାର୍ଯ୍ୟ ସମ୍ବନ୍ଧୀୟ ଯାତ୍ରା ଉପରେ ଆଶୀର୍ବାଦ କରିଥିବାରୁ ।

ମଇ ୨୧ ⇨ ଆମର ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀ ଗୁଡ଼ିକର ସମସ୍ତ ସଦସ୍ୟଙ୍କୁ ଆଶୀର୍ବାଦ କରିଥିବାରୁ ।

ମଇ ୨୨ ⇨ ଆମର ପ୍ରଭୁ ଆମର ବରିଷ୍ଠ ପାଳକ ଏସ୍. ସାମ୍. ସେଲ୍‌ଭାରାଜ ଓ ତାଙ୍କ ପରିବାରକୁ ସମସ୍ତ ମନ୍ଦ କ୍ଷମତାଠାରୁ ସୁରକ୍ଷା ଦେଇଥିବାରୁ ।

ମଇ ୨୩ ⇨ ଆମର ବାଇବଲ କୋର (ବାଇବଲ କରେସ୍‌ପଣ୍ଡେସ୍ କୋର୍ସ) ଓ ଥିଓଲୋଜିକାଲ୍ କରେସ୍‌ପଣ୍ଡେସ୍ କୋର୍ସ ଉପରେ ଆଶୀର୍ବାଦ କରିଥିବାରୁ ।

ମଇ ୨୪ ⇨ ଆମର ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲକୁ ନୂତନ ଓ ପ୍ରତିଭାବାନ୍ ଅଧକ୍ଷ ଯୋଗାଇଥିବାରୁ ।

ମଇ ୨୫ ⇨ ଆମ ମୁଖ୍ୟ ଓ ଶାଖା ମଣ୍ଡଳୀ ଗୁଡ଼ିକରେ ରବିବାର ଉପାସନା ନିମନ୍ତେ ।

ମଇ ୨୬ ⇨ ଆମର ନିହିମିୟା ବାଇବଲ କଲେଜକୁ ନୂତନ ଅଧାପକମାନଙ୍କୁ ଯୋଗାଇଥିବାରୁ ।

ମଇ ୨୭ ⇨ ବିଶୃଙ୍ଖଳା ଓ ଯୁଦ୍ଧର ଭୟ ମଧରେ ସମସ୍ତ ଦେଶଗୁଡ଼ିକୁ ସ୍ୱର୍ଗୀୟ ସୁରକ୍ଷା ଦେଇଥିବାରୁ ।

ମଇ ୨୮ ⇨ ଆମ କାର୍ଯ୍ୟକାରୀମାନଙ୍କର ପରିବାରଗୁଡ଼ିକ ଉପରେ ତାଙ୍କର ଆଶୀର୍ବାଦ ବୃଷ୍ଟି କରିଥିବାରୁ ।

ମଇ ୨୯ ⇨ ରାଜନୈତିକ ଓ ଧର୍ମୀୟ ବିରୋଧ ମଧରେ ଆମ ଖ୍ରୀଷ୍ଟୀୟ ସେବାକାର୍ଯ୍ୟ ଅଗ୍ରସର ହେଉଥିବାରୁ ।

ମଇ ୩୦ ⇨ ମିଶନ କାର୍ଯ୍ୟକାରୀମାନଙ୍କଠାରୁ ଆସୁଥିବା ବଡ଼ ସମର୍ପଣ ନିମନ୍ତେ ।

ମଇ ୩୧ ⇨ ସମାଜର ସମସ୍ତ କ୍ଷେତ୍ରରେ ମହିଳାମାନଙ୍କର ଉନ୍ନତି ନିମନ୍ତେ ।

ଜୁନ ୧ ⇨ ଆମର ଆବାସିକ ଓ ସାନ୍ଧ୍ୟ ନିହିମିୟା ବାଇବଲ କଲେଜ ପାଇଁ ନୂତନ ଛାତ୍ରମାନଙ୍କୁ ଯୋଗାଇଥିବାରୁ ।

ଜୁନ ୨ ⇨ ଆମର ସୁସମାଚାର ଛାପାକଳ ଓ ଦକ୍ଷ କର୍ମଚାରୀମାନଙ୍କ ସହିତ ଏହାର ନିରବଚ୍ଛିନ୍ନ କାର୍ଯ୍ୟ ନିମନ୍ତେ ।

ଜୁନ ୩ ⇨ ଆମର ଆମର ୫ ମିନିଟ୍ ୟୁ-ଟ୍ୟୁବ୍ ବାର୍ତ୍ତାଗୁଡ଼ିକ ପାଇଁ ସଭ୍ୟ ଓ ସାକ୍ଷ୍ୟଗୁଡ଼ିକ ବୃଦ୍ଧି ପାଉଥିବାରୁ ।

## ପ୍ରାର୍ଥନାର ବିଷୟ

ଜୁନ ୪ ⇨ ଆମର ବିଶ୍ୱାସ ସାଥୀ, ସଭ୍ୟ ସଭ୍ୟା, ଆଜୀବନ ସଭ୍ୟ, ମହା ଆଦେଶ ସାଥୀଗଣ ଓ ସେମାନଙ୍କର ପରିବାରଗୁଡ଼ିକ ଉପରେ ଦୟା ନିମନ୍ତେ ।

ଜୁନ ୫ ⇨ ଆମର କର୍ମଚାରୀ ଓ ସେମାନଙ୍କ ପରିବାର ବର୍ଗଙ୍କର ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ।

ଜୁନ ୬ ⇨ ସମସ୍ତ ଦେଶ ଯେପରି ସମସ୍ତ କ୍ଷେତ୍ରରେ ଓ ଯୋଜନାରେ ଏକତା ଓ ଅଗ୍ରଗତି ପ୍ରାପ୍ତ ହେବେ ।

ଜୁନ ୭ ⇨ ସମସ୍ତ ଖ୍ରୀଷ୍ଟିଆନ ଅନୁଷ୍ଠାନ ଉପରେ ଆଶୀର୍ବାଦ ଓ ସୁରକ୍ଷା ନିମନ୍ତେ ।

ଜୁନ ୮ ⇨ ଦୁର୍ଗମ ସ୍ଥାନଗୁଡ଼ିକରେ ସୁସମାଚାର ପ୍ରସାର କରିବା ପାଇଁ ଆମକୁ ସାମର୍ଥ୍ୟ ଦେବା ନିମନ୍ତେ ।

ଜୁନ ୯ ⇨ ପୃଥିବୀରେ ତାଙ୍କ ରାଜ୍ୟର ପ୍ରତିଷ୍ଠା ଦିଗରେ ଆମକୁ ଅଧିକରୁ ଅଧିକ ଦର୍ଶନ ଦେବା ନିମନ୍ତେ ।

ଜୁନ ୧୦ ⇨ ଭୂତାଣୁଜନିତ ଜ୍ୱର ଓ ନୂତନ ସଂକ୍ରାମକ ରୋଗଗୁଡ଼ିକ ବିରୁଦ୍ଧରେ ସୁରକ୍ଷା ଯୋଗାଇବା ନିମନ୍ତେ ।

ଜୁନ ୧୧ ⇨ ପୃଥିବୀର ସମସ୍ତ ପିଲା ଓ ଯୁବାମାନେ ଯେପରି ଯୀଶୁ ଖ୍ରୀଷ୍ଟଙ୍କୁ ସେମାନଙ୍କ ବ୍ୟକ୍ତିଗତ ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରିବେ ।

ଜୁନ ୧୨ ⇨ ଆମର ବରିଷ୍ଠ ପାଳକ ଏସ୍.ସାମ୍. ସେଲ୍‌ଭାରାଜ ଓ ତାଙ୍କ ପରିବାରର ସଦସ୍ୟମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ଓ ସୁରକ୍ଷା ନିମନ୍ତେ ।

ଜୁନ ୧୩ ⇨ ଯଥା ସମ୍ଭବ ମାର୍ଗରେ ଓ ପରିମାଣରେ ଆମ ସେବାକାର୍ଯ୍ୟର ସଂପ୍ରସାରଣ ନିମନ୍ତେ ।

ଜୁନ ୧୪ ⇨ ୨୦୨୩-୨୪ ଶିକ୍ଷା ବର୍ଷ ପାଇଁ ଆମର ଆବାସିକ ଓ ସାନ୍ଧ୍ୟ ନିହିମିୟା ବାଇବଲ କଲେଜରେ ଯୋଗ୍ୟ ଛାତ୍ରମାନଙ୍କର ଆଡମିଶନ୍ ନିମନ୍ତେ ।

ଜୁନ ୧୫ ⇨ ପୃଥିବୀର ସମସ୍ତ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ସରକାରୀ ଅଧିକାରୀମାନଙ୍କ ନିମନ୍ତେ ।

ଜୁନ ୧୬ ⇨ ୨୦୨୩-୨୪ ଶିକ୍ଷା ବର୍ଷରେ ଆମର ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲରେ ନୂତନ ଛାତ୍ରମାନଙ୍କର ଆଡ୍‌ମିଶନ୍ ନିମନ୍ତେ ।

ଜୁନ ୧୭ ⇨ ପ୍ରାର୍ଥନା ଓ ଅର୍ଥ ସହାୟତା ମାଧ୍ୟମରେ ଆମ ସେବାକାର୍ଯ୍ୟକୁ ଧରି ରଖିଥିବା ଆମର ସହାୟକ, ଶୁଭେଚ୍ଛୁ ଓ ବନ୍ଧୁମାନଙ୍କ ନିମନ୍ତେ ।

ଜୁନ ୧୮ ⇨ ଆମର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କର ପରିବାର ସଦସ୍ୟମାନଙ୍କ ନିମନ୍ତେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

କରୁଅଛି, ଏହା ଆମେ ଜାଣି ପାରୁ ନାହୁଁ । ସବୁଠାରୁ ମୁଖ୍ୟ ବିଷୟ ହେଉଛି, ଏହା ଆଗାମୀ ପିଢ଼ି ଉପରେ ପ୍ରଭାବ ପକାଉଅଛି । ଆମର ପ୍ରତ୍ୟେକଟି କାର୍ଯ୍ୟ ଆମର ସନ୍ତାନମାନଙ୍କ ଉପରେ ପ୍ରଭାବ ପକାଏ । ଆମର ଜୀବନ, ଆମର ପରିବାର, ଆମର ମଣ୍ଡଳୀ, ଆମର ସେବାକାର୍ଯ୍ୟ କିମ୍ବା ଈଶ୍ୱରଙ୍କ ସହିତ ଆମର ଗମନାଗମନ ଉପରେ ଯାହା କିଛି ପ୍ରାଧାନ୍ୟ ବିସ୍ତାର କରେ, ତାହା ମଧ୍ୟରୁ ବାହାରି ଆସିବା ପାଇଁ ଈଶ୍ୱର ଆମକୁ ସାମର୍ଥ୍ୟ ଦିଅନ୍ତୁ ।

### ଖ. ଏଫିସୀୟ ୪:୧୮ରେ ଲେଖାଯାଏ –

"ସେମାନେ ଆପଣାମାନଙ୍କଠାରେ ଥିବା ଅଜ୍ଞାନତା ହେତୁ ଓ ନିଜ ନିଜ ହୃଦୟର ଜଡ଼ତା ହେତୁ ଆପଣା ଆପଣା ବୁଦ୍ଧିରେ ଅନ୍ଧକାରାଚ୍ଛନ୍ନ ପୁଣି ଈଶ୍ୱରଙ୍କ ଜୀବନରୁ ବିଚ୍ଛିନ୍ନ ହୋଇଅଛନ୍ତି ।"

ଅଜ୍ଞତା ଯୋଗୁ ମନ ଅଜ୍ଞ ରହେ ଓ ଆମେ ଈଶ୍ୱରଙ୍କ ରାଜ୍ୟରେ ଏକ ଅସୁବିଧାଜନକ ସ୍ଥିତିରେ ରହୁ । ଆମେ ଅଜ୍ଞ ରହୁ ବୋଲି ଶୟତାନ ଇଚ୍ଛା କରେ । ସେ ପ୍ରତାରକ ଅଟେ ଓ ଆମକୁ ଅଜ୍ଞତା ଆଡକୁ ପରିଚାଳିତ କରେ । ମୁଁ ଜାଣେ ନାହିଁ ବୋଲି କୁହନ୍ତୁ ନାହିଁ । ୨ କରିନ୍ଥୀୟ ୪:୪ରେ ଲେଖା ଯାଇଛି, "ଈଶ୍ୱରଙ୍କ ପ୍ରତିମୂର୍ତ୍ତି ଯେ ଖ୍ରୀଷ୍ଟ, ତାହାଙ୍କ ଗୌରବମୟ ସୁସମାଚାରର ଆଲୋକ ଯେପରି ଏହି ପ୍ରକାର ଲୋକଙ୍କ ପ୍ରତି ପ୍ରକାଶିତ ନ ହୁଏ, ଏଥି ନିମନ୍ତେ ଏହି ଜଗତ୍ ପତି ଅବିଶ୍ୱାସୀମାନଙ୍କର ଜ୍ଞାନ ଚକ୍ଷୁ ଅନ୍ଧ କରିଅଛି ।"

"ଜ୍ଞାନଚକ୍ଷୁ ଅନ୍ଧ କରିବା ।" ବେଳେବେଳେ ଆମେ ବାଇବଲ ପଢୁ ମାତ୍ର ବାସ୍ତବରେ କିଛି ବୁଝି ନ ଥାଉ । ଯେଉଁମାନେ ନିଜ ନିଜକୁ "ଉତ୍ତମ ଖ୍ରୀଷ୍ଟିଆନ" ବୋଲି କହନ୍ତି, ସେମାନେ ଏପର୍ଯ୍ୟନ୍ତ ସେହି ଗଭୀର ଅନୁଭୂତି ପାଇବାରେ ସମର୍ଥ ହୋଇ ନାହାନ୍ତି । ଅନ୍ଧକାର କାହିଁକି ବଳବତ୍ତର ରହିଛି ? ଈଶ୍ୱରଙ୍କ ବାକ୍ୟ ପାଠ କରନ୍ତୁ । ଆପଣଙ୍କ ଅଜ୍ଞତା ମଧ୍ୟରୁ ବାହାର ଆସିବା ପାଇଁ ଈଶ୍ୱର ଯେପରି ସାହାଯ୍ୟ କରିବେ, ଏଥିପାଇଁ ପ୍ରାର୍ଥନା କରନ୍ତୁ । "ଯେଉଁ ଈଶ୍ୱର ଉଦାର ଭାବରେ ଦାନ କରନ୍ତି, ତାଙ୍କୁ ଜ୍ଞାନ ମାଗନ୍ତୁ" (ଯାକୁବ ୧:୫) । ପୁଣି ଯନ୍ତ୍ର ବିଜ୍ଞାନ ଆମ ହାତରେ ବାଇବଲ ଦେଇଛି, ବାଇବଲ ବିଭିନ୍ନ ଭାଷାରେ, ଭିନ୍ନ ଭିନ୍ନ ଅକ୍ଷରରେ ସବୁ ସମୟରେ ଆମ ନିକଟରେ ଉପଲବ୍ଧ ଅଟେ । ମୁଁ ଏହି ବିଷୟରେ ଅତି ଖୁସି, ମାତ୍ର ତତ୍ ସଙ୍ଗେ ସଙ୍ଗେ ଆମେ ଅନ୍-ଲାଇନ ବାଇବଲ ଉପରେ ଅଧିକରୁ ଅଧିକ ନିର୍ଭରଶୀଳ ହେଉଅଛୁ । ଏହା ଆମ ହାତରେ ରହିଥିଲେ ସୁଦ୍ଧା, ଆମ ହୃଦୟ ଓ ମନରେ ନାହିଁ ।

ଅତୀତରେ ଲୋକମାନେ ବାଇବଲରୁ ଖୋଜି ଖୋଜି ଶାସ୍ତ୍ରାଂଶଗୁଡ଼ିକୁ କହିବା ପାଇଁ ସମର୍ଥ ଥିଲେ, ମାତ୍ର ବର୍ତ୍ତମାନ ସେମାନେ ଗୁଗଲ୍‌କୁ ପଚାରୁଛନ୍ତି । ଏପରି ଦିନ ଆସିବ ଯେତେବେଳେ ସମସ୍ତ ଅନ୍-ଲାଇନ ବାଇବଲ ଲୋପ ପାଇଯିବ । ସେତେବେଳେ ଆମ ପ୍ରତି କ'ଣ ଘଟିବ ? ଏପରି ମନେ ହେଉଛି ଯେପରି ଶୟତାନ ଅତି ଅବାଧରେ ଆମ ନିକଟରେ ଈଶ୍ୱରଙ୍କ ବାକ୍ୟ ଉପଲବ୍ଧ କରାଉଅଛି ଯେପରିକି ଆମେ ଏହା ଉପରେ ଅତି ନିର୍ଭରଶୀଳ ହେବୁ, ପୁଣି ଯେତେବେଳେ ଅନ୍-ଲାଇନ ବାଇବଲକୁ ନିଷିଦ୍ଧ କରାଯିବ, ସେତେବେଳେ ଆମ ନିକଟରେ ଈଶ୍ୱରଙ୍କ ବାକ୍ୟ ଆଉ ରହିବ ନାହିଁ । ଆସନ୍ତୁ, ଆମେ ଆଗ୍ରହର ସହିତ ବାଇବଲ ପଢ଼ିବା, ଈଶ୍ୱରଙ୍କ ବାକ୍ୟକୁ ମୁଖସ୍ଥ କରିବା ଓ ଦିବାରାତ୍ର ଏହାକୁ ଧ୍ୟାନ କରିବା ଯେପରିକି ଏହା ଆମ ହୃଦୟରେ ଲିଖିତ ହୋଇ ରହିବ ।

## ୩. କେଉଁ ବିଷୟ ମଧ୍ୟକୁ ବାହାରି ଯିବା ?

ଆଲୋକ ମଧ୍ୟକୁ – ଆଲୋକ କ'ଣ ?

### କ. ଆଲୋକ ଜ୍ଞାନ ଅଟେ ।

ଏହା ବିଷୟଗୁଡ଼ିକୁ ଦୃଷ୍ଟି ମଧ୍ୟକୁ ଆଣେ । "... ଈଶ୍ୱର ଜ୍ୟୋତିଃସ୍ୱରୂପ, ଆଉ ତାହାଙ୍କଠାରେ ଅନ୍ଧକାରର ଲେଶ ନାହିଁ" (୧ ଯୋହନ ୧:୫) । ଯେଉଁଠାରେ ଆଲୋକ ଅଛି, ସେଠାରେ ଶକ୍ତି ଅଛି । ଆମେ ସ୍ୱର୍ଗୀୟ ଆଲୋକରୁ ଆତ୍ମିକ ଶକ୍ତି ପାଉ । ଏହା ଆମର ମନକୁ ଆଲୋକିତ କରେ । ଏହା ସ୍ପଷ୍ଟ ଭାବରେ ଦେଖିବାରେ ଆମକୁ ସାହାଯ୍ୟ କରେ । ଏହା ଆମକୁ ମୁକ୍ତ କରେ ଓ ବିଷୟଗୁଡ଼ିକ ଉପରେ ସଠିକ୍ ଦୃଷ୍ଟିକୋଣ ପ୍ରଦାନ କରେ । ଆଲୋକ ପ୍ରକାଶ ଦିଏ । ବାଇବଲ ଈଶ୍ୱରଙ୍କ ସତ୍ୟ ଅଟେ । ଏହା ଈଶ୍ୱରଙ୍କ ଆଲୋକ ଅଟେ । "ତୁମ୍ଭର ଦୀପ୍ତି ଓ ତୁମ୍ଭର ସତ୍ୟତା ପଠାଅ, ତାହା ମୋହର ପଥ ଦର୍ଶକ ହେଉ, ତାହା ତୁମ୍ଭ ପବିତ୍ର ପର୍ବତରେ ଓ ତୁମ୍ଭ ଆବାସରେ ମୋତେ ପ୍ରବେଶ କରାଉ" (ଗୀତ ୪୩:୩) । ଯଦି କୌଣସି ଆଲୋକ ନାହିଁ, ତେବେ କୌଣସି ସତ୍ୟ ନାହିଁ, କୌଣସି ପ୍ରତ୍ୟୁଷ ନାହିଁ । ଯଦି ଆମେ ଆଲୋକ ଆବଶ୍ୟକ କରୁ, ତେବେ ଆମେ ସେହି ପର୍ବତ (ଈଶ୍ୱରଙ୍କ ଉପସ୍ଥିତି)କୁ ଯିବା ଉଚିତ । ଯେଉଁଠାରେ ଈଶ୍ୱର ବାସ କରନ୍ତି । ନଚେତ୍ ଆମେ ସେହି ସମାନ ସ୍ଥାନରେ ରହିଯିବା ଓ ଈଶ୍ୱରଙ୍କ ପର୍ବତକୁ ଯିବା ଅସମ୍ଭବ ହୋଇଯିବ ।

### ଖ. ଆଲୋକ ପରିବର୍ତ୍ତନକାରୀ !

ପ୍ରତ୍ୟୁଷର ଅର୍ଥ, ଯୀଶୁ ଖ୍ରୀଷ୍ଟଙ୍କଠାରେ ମିଳୁଥିବା ପରିବର୍ତ୍ତନ । ଆଲୋକର ଗୋଟିଏ ଝଲକ ଶାଉଲଙ୍କୁ ପାଉଲରେ ପରିବର୍ତ୍ତିତ କରିଥିଲା । ଆଲୋକ ସୁସମାଚାର

(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)


ନିହିମିଆ ବାଇବଲ
ସାଂଧ୍ୟ କଲେଜ

ଚେପକ୍ ଓ ସନ୍ତୋଷପୂରମ୍, ଚେନ୍ନାଇ

ମାଧ୍ୟମ ~ ତାମିଲ

ସଦସ୍ୟତା ପାଇଁ ପଞ୍ଜୀକୃତ ପ୍ରାର୍ଥୀ – ATA

ବିଗତ ୫୩ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

ଥିଓଲୋଜିରେ ସାର୍ଟିଫିକେଟ : ଏକ ବର୍ଷ
ଥିଓଲୋଜିରେ ଡିପ୍ଲୋମା : ଦୁଇ ବର୍ଷ

ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ

ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !

ଯୋଗାଯୋଗ : The Chairman, Nehemiah Bible College.
10, MOHAMMED ABDULLAH 2ND STREET, BELLS ROAD, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର – ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନ୍ନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ଦୁଇଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ – ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ – ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ଣ ୪.୦୦ ଘଟିକା ।
୧୩. ତାମିଲ ଉପାସନା – ରବିବାର ସକାଳ ୫.୦୦, ୭.୦୦ ଓ ସକାଳ ୧୦.୦୦ ।
୧୪. ମାଲାୟାଲାମ୍ ଉପାସନା – ରବିବାର ଅପରାହ୍ଣ ୨.୦୦ ଘଟିକା ।
୧୫. ତେଲୁଗୁ ପ୍ରାର୍ଥନା ସଭା – ରବିବାର ସନ୍ଧ୍ୟା ଘ. ୪.୦୦ ।
୧୬. ହିନ୍ଦୀ ଉପାସନା – ରବିବାର ସନ୍ଧ୍ୟା ଘ. ୫.୦୦ ।
୧୭. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୮. ପାଳକମାନଙ୍କର ପରାମର୍ଶ – ରବିବାର ଅପରାହ୍ଣ ଘ. ୪.୦୦ ଘଟିକା ।
୧୯. ମହିଳାମାନଙ୍କର ପ୍ରାର୍ଥନା ସଭା – ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୨୦. ମଧ୍ୟ-ସପ୍ତାହ ବାଇବଲ ଅଧ୍ୟୟନ – ବୁଧବାର ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ପୁରୁଷମାନଙ୍କର ପ୍ରାର୍ଥନା ସଭା – ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୨୨. କର୍ମଚାରୀମାନଙ୍କର ସଭା – ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୩. ଗୃହ ସଭା – ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୪. ବିଶେଷ ପ୍ରଭୁଭୋଜ – ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୫. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର – ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୬. ପିତାମାତାଙ୍କର ପ୍ରାର୍ଥନାସଭା – ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୭. ରାତ୍ରି ପ୍ରାର୍ଥନା – ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୮. ଉପବାସ ପ୍ରାର୍ଥନା – ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୯. ପବିତ୍ର ପ୍ରଭୁଭୋଜ – ଦ୍ୱିତୀୟ ରବିବାର ଉପାସନା ।
୩୦. Youth / Kid Prayer : 10.00 p.m. daily
୩୧. କର୍ମଚାରୀମାନଙ୍କର ଉପାସନା – ପ୍ରତିଦିନ ସକାଳ ଘ. ୯.୦୦ ।
୩୨. କାର୍ଯ୍ୟାଳୟ – ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ – ୭୬ ପୃଷ୍ଠା ଓ ତାମିଲ୍‌ରେ – ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ – ‘‘ଆପଣଙ୍କ ନିମନ୍ତେ ନୂତନ ଜୀବନ’’ ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ – ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, **Post Box 2957**
CHEPAUK, CHENNAI - 600 005.
**Ph.: (044) 2852 8282, 2852 9293, 2854 7766,**
**Cell : 98410 71852, 95661 31858**
**E.mail : biblecor@yahoo.co.in**



# WANTED

1. Office Staff with Computer Knowledge
2. Security, House Keeping & Cooks

**Echo of His Call,**
Chepauk, Chennai - 05.
Telephone Numbers :
**044 -2852 8282, 2852 9293, 2854 7766, +91 97908 05460**


## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ – **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| **Account Name** | : | **ECHO OF HIS CALL EDUCATIONAL TRUST** |
| **Account Number** | : | **1023 2923 805** |
| **Bank Name** | : | **STATE BANK OF INDIA** |
| **Branch** | : | **TRIPLICANE, CHENNAI - 600 005** |
| **IFSC Code** | : | **SBIN 0000249** |
| **SWIFT Code** | : | **SBI NIN BB 455** |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

## ଈଶ୍ୱରଙ୍କ ଅନୁଗ୍ରହ
## GRACE OF GOD!

"ସେ କୁଳୀନମାନଙ୍କ ସଙ୍ଗେ ବସାଇବା ପାଇଁ ଓ ଗୌରବ ସିଂହାସନ ଅଧିକାର କରିବା ପାଇଁ ଧୂଳିରୁ ଦୀନହୀନଙ୍କୁ ଉଠାନ୍ତି ଓ ଦରିଦ୍ରକୁ ଖତରାଶିରୁ ଉନ୍ନତ କରନ୍ତି" (୧ ଶାମୁୟେଲ ୨:୮) ।

ଏହା ଥିଲା ଏକ ସୁନ୍ଦର ସକାଳ ! ସେହି ରବିବାର ସକାଳେ, ମୋର ପିତାମହ, ପିତାମହୀ, ମା', ବାପା ଓ ଅନ୍ୟ ସମସ୍ତ ପିଲା ପୋଷାକ ପିନ୍ଧି ଖୁସି ମନରେ ନେଲାନାଇକୋନମ୍ ନାମକ ଏକ କ୍ଷୁଦ୍ର ଗ୍ରାମ ସ୍ଥିତ ଦକ୍ଷିଣ ଭାରତର ମଣ୍ଡଳୀକୁ ଯାଉଥିଲେ । ସେତେବେଳେ ମୁଁ ୧୨ ବର୍ଷ ବୟସ୍କ ଥିଲି ଓ ସମସ୍ତଙ୍କୁ ଲକ୍ଷ୍ୟ କରୁଥିଲି । ସେମାନଙ୍କ ପ୍ରତ୍ୟେକଙ୍କ ନିକଟରେ କିଛି ସମ୍ମାନଜନକ ଯୋଗ୍ୟତା ଥିଲା । ମୋ'ଠାରେ ସେପରି କିଛି ଲକ୍ଷ୍ୟଯୋଗ୍ୟ ବିଷୟ ନ ଥିଲା ବୋଲି ମୁଁ ଅନୁଭବ କରୁଥିଲି । ମୁଁ ସେହି ଗୀର୍ଜ୍ଜା ଗୃହରେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ଉପାସନା କରୁଥିଲି । ସେହି ସମୟରେ ଏକ ବଡ଼ ପ୍ରଶ୍ନ ମୋ' ମନରେ ଉଦୟ ହୋଇଥିଲା । ପ୍ରଭୁ ଯୀଶୁ ଖ୍ରୀଷ୍ଟ ତାଙ୍କର ସମସ୍ତ ସ୍ୱର୍ଗୀୟ ଗୌରବକୁ ପରିତ୍ୟାଗ କରି, ସମସ୍ତ ମନୁଷ୍ୟଜାତିକୁ ଏହି ଶ୍ରେଷ୍ଠ ନୂତନ ଜୀବନ ଦେବା ପାଇଁ ଏହି ଜଗତ ମଧ୍ୟକୁ ଆସିଥିଲେ । ମୁଁ ନିଜକୁ ପ୍ରଶ୍ନ କରିଥିଲି, "ତେବେ ମୁଁ କାହିଁକି ମୋର ପାଳକଙ୍କ ଭଳି ଈଶ୍ୱରଙ୍କର ଜଣେ ଦାସ ହୋଇପାରିବି ନାହିଁ ?" ମୁଁ ସେହି ଦିନ ସେହି ଗୀର୍ଜ୍ଜା ଗୃହରେ ଥିବା ସମୟରେ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଅତି ସ୍ପଷ୍ଟଭାବରେ ମୋତେ ଏହି କଥା କହିଥିଲେ । ସେ ୧ ଶାମୁୟେଲର ୩ ଅଧ୍ୟାୟକୁ ଉଲ୍ଲେଖ କରିଥିଲେ ।

୧ ଶାମୁୟେଲ ୩:୧–୪ରେ ଆମେ ଏହା ପାଠ କରୁ ଯେ ସେହି ସମୟରେ ସଦାପ୍ରଭୁଙ୍କ ବାକ୍ୟ ଦୁର୍ଲଭ ଥିଲା ଓ କୌଣସି ପ୍ରକାଶ୍ୟ ଦର୍ଶନ ନ ଥିଲା । ଏହିପରି ଏକ ସମୟରେ ଶାମୁୟେଲ ସମାଗମ ତମ୍ବୁରେ ରହି ଏଲି ଯାଜକଙ୍କର ସେବା କରୁଥିଲେ । ଦିନେ ରାତିରେ ଶାମୁୟେଲ ଶୋଇଥିବା ସମୟରେ, ଈଶ୍ୱର ତାଙ୍କୁ ଡାକିଥିଲେ । ମୋର ପାଳକ ଏହି ଘଟଣା ବିଷୟରେ ପ୍ରଚାର କରୁଥିଲେ ଓ ଈଶ୍ୱର ସେହି ବାଳକଙ୍କୁ ଇସ୍ରାଏଲର ବିଚାରକର୍ତ୍ତା ଓ ଏକ ଶ୍ରେଷ୍ଠ ଭାବବାଦୀ ହେବା ପାଇଁ ଉନ୍ନତ କରିଥିଲେ ବୋଲି ଘୋଷଣା କରିଥିଲେ ।

ଏହି ବାକ୍ୟଗୁଡ଼ିକ ମୋ' ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ଥିଲା ଓ ଏପରି ଅକ୍ଷଦଣ୍ଡରେ ପରିଣତ ହୋଇଥିଲା ଯଦ୍ଦ୍ୱାରା ମୋ' ଜୀବନ କାର୍ଯ୍ୟକ୍ଷମ ହେଉଥିଲା ।

୧. ମୁଁ ମୋର ମଣ୍ଡଳୀ ଓ ଲୋକମାନଙ୍କୁ ପ୍ରେମ କରୁଥିଲି । ମୁଁ ପ୍ରତି ରବିବାର ଗୀର୍ଜ୍ଜାକୁ ଯାଇ ସେହି ଗୃହକୁ ପରିଷ୍କାର କରୁଥିଲି ଓ ଚୌକୀ ଓ ବେଞ୍ଚଗୁଡ଼ିକରୁ ଧୂଳି ଝାଡୁଥିଲି । ମୁଁ ଗୀର୍ଜ୍ଜା ଗୃହର ପରିସରଟିକୁ ମଧ୍ୟ ସଫା କରିବାରେ ଆଗ୍ରହୀ ଥିଲି । ମୁଁ ସମସ୍ତ ବାଦ୍ୟ ଯନ୍ତ୍ର, ଯଥା ଢୋଲ, ତବଲା ଓ ହାରମୋନିୟମଗୁଡ଼ିକୁ ସ୍ୱସ୍ଥାନରେ ରଖୁଥିଲି । ପରେ, ମୁଁ "ଗୁଡ୍ ନ୍ୟୁଜ ପ୍ରେୟାର ବ୍ୟାଣ୍ଡ" ନାମକ ଏକ ସହଯୋଗୀ ସେବା ଦଳ ସଂଗଠନ କରି ଗୀର୍ଜ୍ଜା ଗୃହର ରକ୍ଷଣାବେକ୍ଷଣ ଓ ସେବାକାର୍ଯ୍ୟ ପରିଚାଳନାରେ ଆମ ମଣ୍ଡଳୀକୁ ସାହାଯ୍ୟ କରିବା ଆରମ୍ଭ କରିଥିଲି ।

୨. ମୁଁ ମୋର ପାଳକମାନଙ୍କୁ ମୋର ଶାରୀରିକ ସାହାଯ୍ୟ ମଧ୍ୟ ପ୍ରଦାନ କରୁଥିଲି । ମୁଁ ସେମାନଙ୍କ ବ୍ୟାଗ୍ ବୋହୁଥିଲି, ସେମାନଙ୍କର ଯୋତା ସଫା କରୁଥିଲି ଓ ଆମ ଘରୁ ଜଳଖିଆ, ମଧ୍ୟାହ୍ନ ଓ ରାତ୍ରି ଭୋଜନ ଆଣି ସେମାନଙ୍କୁ ପରିବେଷଣ କରୁଥିଲି । ଏହିପରି ଭାବରେ, ମୁଁ ମୋର ପାଳକ ଓ ଈଶ୍ୱରଙ୍କର ଅନ୍ୟ ଦାସମାନଙ୍କର ସେବା କରୁଥିଲି ।

୩. ମୁଁ ମୋର ମଣ୍ଡଳୀ ସଦସ୍ୟମାନଙ୍କ ପ୍ରତି ମଧ୍ୟ ଉତ୍ତମ ବ୍ୟବହାର ଦେଖାଉଥିଲି । ମୁଁ ସେମାନଙ୍କ ପ୍ରତି ଏକ ଉତ୍ତମ ଭାଇ ଥିଲି ଓ ସବୁ ପ୍ରକାରେ ସେମାନଙ୍କୁ ସାହାଯ୍ୟ କରୁଥିଲି ।

ଯଦିଓ ମୋ' ପାଖରେ ଭଲ ସେବାଗୁଣ ଥିଲା ତଥାପି କଥା କହିବାର ଦାନ ମୁଁ ପାଇ ନ ଥିଲି ଓ ମୁଁ ପ୍ରାୟ ସବୁ ଭୁଲି ଯାଉଥିଲି । ମୁଁ ଅତି ଉଚ୍ଚଶିକ୍ଷିତ ନ ଥିଲି । ଅନ୍ୟ ବନ୍ଧୁମାନଙ୍କ ତୁଳନାରେ ମୋ' ନିକଟରେ ଆଦୌ କୌଣସି ପ୍ରତିଭା ଓ ଦାନ ନ ଥିଲା ବୋଲି ମୁଁ ଜାଣିଥିଲି ।

ମୋ' ବୟସର ବନ୍ଧୁମାନେ ସୁପ୍ରତିଷ୍ଠିତ କଲେଜ ଗୁଡ଼ିକରେ ଅଧ୍ୟୟନ କରିବା ପାଇଁ, ସ୍ୱତନ୍ତ୍ର ଶିକ୍ଷା–ସାହାଯ୍ୟ ନେବା ପାଇଁ ଯାଇଥିଲେ ଓ ଅନେକ ଭାଷା ଶିକ୍ଷା କରିଥିଲେ । କରାଟେ ଶିଖିବା ଦ୍ୱାରା ବିଭିନ୍ନ କୌଶଳ ବିକଶିତ କରିଥିଲେ । ଏତଦ୍ ବ୍ୟତୀତ ଅନ୍ୟ ଅନେକ ଅନୁଷ୍ଠାନରୁ ବିଭିନ୍ନ ଜ୍ଞାନ ଲାଭ କରିଥିଲେ । ମାତ୍ର ଈଶ୍ୱର ମୋତେ ମଣ୍ଡଳୀରେ ଓ ଈଶ୍ୱରଙ୍କ ଦାସମାନଙ୍କର ସେବା କରିବାର ସାମର୍ଥ୍ୟ ପ୍ରଦାନ କରିଥିଲେ ।

ସଦାପ୍ରଭୁ ଶାମୁୟେଲଙ୍କୁ ଯେପରି ଉଠାଇ ଥିଲେ, ମୋତେ ମଧ୍ୟ ସେହିପରି ଅତି ନିମ୍ନସ୍ତରରୁ ଉଠାଇଥିଲେ । ପ୍ରାୟ ୨୩ ବର୍ଷ ଧରି, ଜଣେ ଦାୟିତ୍ୱବାନ ଓ ବିଶ୍ୱସ୍ତ ସରକାରୀ କର୍ମଚାରୀ ଭାବରେ ମୋର ସମଗ୍ର କାର୍ଯ୍ୟକାଳ ମଧ୍ୟରେ ଈଶ୍ୱରଙ୍କ ସାମର୍ଥ୍ୟ ପ୍ରଦାନକାରୀ ଉପସ୍ଥିତି ସର୍ବଦା ମୋ' ସହିତ ଥିଲା । ଏହା ଏହି ବିଷୟରୁ ସ୍ପଷ୍ଟ ହୋଇଥିଲା ଯେ ସରକାର ମୋ' କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ମୋତେ ମୋର ସେବାକାର୍ଯ୍ୟ ଚଳାଇବା ପାଇଁ ସ୍ୱତନ୍ତ୍ର ଅନୁମତି ପ୍ରଦାନ କରିଥିଲେ ।

ଈଶ୍ୱର ଉଭୟ ପ୍ରକାର କାର୍ଯ୍ୟକୁ ଦକ୍ଷତାର ସହିତ ଚଳାଇବା ପାଇଁ ମୋତେ ଅନୁମତି ଦେଇଥିଲେ ଓ ମୁଁ ଏହାକୁ ଏକ ଅତି ବିସ୍ମୟଜନକ ବିଷୟ ଭାବରେ ବିଚାର କରେ ।

ଶାମୁୟେଲ ମଣ୍ଡଳୀକୁ ପ୍ରେମ କରୁଥିଲେ ଓ ଏହାକୁ ଈଶ୍ୱରଙ୍କର ଜଣେ ବ୍ୟକ୍ତିର ସେବା କରିବାର ସୁଯୋଗ ଭାବରେ ବିଚାର କରିଥିଲେ । ସେଥିପାଇଁ, ଈଶ୍ୱର ଆତ୍ମିକ ସ୍ତରରେ ଜଣେ ଶ୍ରେଷ୍ଠ ଭାବବାଦୀ ଓ ଇସ୍ରାଏଲ ଦେଶରେ ଜଣେ ଶ୍ରେଷ୍ଠ ବିଚାରକର୍ତ୍ତା ଭାବରେ ତାଙ୍କୁ ଉଠାଇଥିଲେ ।

ଯଦି ଆପଣ ମଧ୍ୟ ଆପଣଙ୍କର ମଣ୍ଡଳୀ ଓ ଆପଣଙ୍କର ପାଳକମାନଙ୍କୁ ସମ୍ମାନ ଓ ସେବା କରିବେ, ତେବେ ଆପଣ ମଧ୍ୟ ଏକ ଅତି ଉଚ୍ଚ ସ୍ତରରେ ନିଶ୍ଚୟ ପହଞ୍ଚିବେ ।

***

(୬ଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ)

ଅଟେ । ‘‘ଯେଣୁ ଅନ୍ଧକାରରୁ ଦୀପ୍ତି ପ୍ରକାଶ ପାଉ ବୋଲି ଆଜ୍ଞା ଦେଇଥିଲେ ଯେଉଁ ଈଶ୍ୱର, ସେ ଖ୍ରୀଷ୍ଟଙ୍କ ମୁଖରେ ପ୍ରକାଶିତ ଈଶ୍ୱରଙ୍କ ଗୌରବମୟ ଜ୍ଞାନର ଆଲୋକ ଦେଖାଇବା ନିମନ୍ତେ ଆମ୍ଭମାନଙ୍କ ହୃଦୟରେ ଆଲୋକ ପ୍ରକାଶ କରିଅଛନ୍ତି’’ (୨ କରିନ୍ଥୀୟ ୪:୬) । ଆଲୋକ ଈଶ୍ୱରଙ୍କ ଗୌରବ ଅଟେ, ଯେତେବେଳେ ଏହା ଆଲୋକ ବିତରଣ କରେ, ସେତେବେଳେ ଏହା ରୂପାନ୍ତର କରେ । ‘‘ଆମ୍ଭେମାନେ ସମସ୍ତେ ଅନାଚ୍ଛାଦିତ ମୁଖରେ ... ପ୍ରଭୁଙ୍କର ଗୌରବ ଦେଖୁ ଦେଖୁ ଗୌରବଯୁକ୍ତ ଅବସ୍ଥାରୁ ଅଧିକ ଗୌରବଯୁକ୍ତ ଅବସ୍ଥାପ୍ରାପ୍ତ ହୋଇ ତାହାଙ୍କ ସେହି ମୂର୍ତ୍ତିରେ ପରିବର୍ତ୍ତିତ ହେଉଅଛୁ । ଯେଣୁ ପ୍ରଭୁ ଯେ କି ଆତ୍ମା ତାହାଙ୍କଠାରୁ ଏହିସବୁ ହେଉଅଛି’’ (୨ କରିନ୍ଥୀୟ ୩:୧୮) । ଈଶ୍ୱରଙ୍କ ବାକ୍ୟ ଆସୁଥିବା ସୂଚନା ଯେ କୌଣସି ମନୁଷ୍ୟକୁ ପରିବର୍ତ୍ତିତ କରିପାରେ ।

ଆଲୋକ ଏକ ପରିବର୍ତ୍ତନକାରୀ ପ୍ରତିନିଧି ଅଟେ । ସୁସମାଚାରର ଉନ୍ମୋଚନ ଆଲୋକ ଆଣେ । ଆମେ ମଣ୍ଡଳୀ ମଧ୍ୟରେ କାହିଁକି ପ୍ରଚାର କରୁ ? କାହିଁକି ଆମେ ଶୁଣିବା ପାଇଁ ପ୍ରାୟ ଏକ ଘଣ୍ଟା ଧରି ଗୀର୍ଜା ଗୃହରେ ବସି ରହୁ ? ଏହା ସୂଚନା ନୁହେଁ । ଏହା ମସ୍ତିଷ୍କ ଜ୍ଞାନ ନୁହେଁ । ଏହା ଆମକୁ ପରିବର୍ତ୍ତିତ କରେ । ପ୍ରତ୍ୟୁଷ ହେଉଛି, ଖ୍ରୀଷ୍ଟଙ୍କ ସଦୃଶ ହେବା । ଆସନ୍ତୁ ଆମେ ପରିବର୍ତ୍ତିତ ହେବା ।

ମୁଁ ଆନ୍ତରିକ ଭାବରେ ଏହି ପ୍ରାର୍ଥନା କରେ ଯେପରି ଈଶ୍ୱର ଆସି ପ୍ରତ୍ୟୁଷ ସମୟରେ ଆମକୁ ସାହାଯ୍ୟ କରିବେ । ଆସନ୍ତୁ, ଆମେ ଆମର ପ୍ରତ୍ୟୁଷର ସମୟ ରଖିବା । ପ୍ରତ୍ୟୁଷ ସମୟରେ ଏକ ବଡ ଶକ୍ତି ଅଛି । ଯୀଶୁ ପ୍ରତ୍ୟୁଷ ସମୟରେ ମୃତ୍ୟୁକୁ ଭଗ୍ନ କରିଥିଲେ । ଯୀଶୁ କବର ମଧ୍ୟରୁ ବାହାରି ଆସିଥିଲେ । ଜ୍ୟୋତିଃସ୍ୱରୂପ ଯୀଶୁ ମୃତ୍ୟୁରୁ ବାହାରି ଆସିବା ପାଇଁ ପ୍ରତ୍ୟୁଷକୁ ବାଛିଥିଲେ । ଏହା ଏକ ଶକ୍ତିପୂର୍ଣ୍ଣ ସତ୍ୟ ଅଟେ ।

ଆମର ନୂତନ ନିୟମ ପ୍ରତ୍ୟୁଷ ଉପରେ ଆଧାରିତ ଅଟେ । ଆମ ପୁନରୁତ୍ଥାନର କାହାଣୀ ପ୍ରତ୍ୟୁଷରେ ଘଟିଛି । ଈଶ୍ୱରଙ୍କର ପ୍ରତ୍ୟେକଟି ପ୍ରତିଜ୍ଞା ପ୍ରତ୍ୟୁଷ ସମୟରେ ହଁ ଓ ଆମେନ୍ ଅଟେ । ‘‘ଆଉ, ଯଦି ଖ୍ରୀଷ୍ଟ ଉତ୍ଥିତ ହୋଇ ନାହାନ୍ତି, ତେବେ ତ ଆମ୍ଭମାନଙ୍କର ପ୍ରଚାର ବୃଥା, ତୁମ୍ଭମାନଙ୍କ ବିଶ୍ୱାସ ମଧ୍ୟ ବୃଥା’’ (୧ କରିନ୍ଥୀୟ ୧୫:୧୪) । ପ୍ରତ୍ୟୁଷ ସମୟରେ ଶକ୍ତି ଅଛି, ଏହା ପ୍ରତ୍ୟୁଷର ବର୍ଷ ଅଟେ ।

ଶେଷରେ, ଆସନ୍ତୁ, ଆମେ ଯାକୁବଙ୍କ ବିଷୟରେ ଚିନ୍ତା କରିବା ।

ପ୍ରଥମେ ବାଇବଲ କହିଛି, ଯାକୁବ ପ୍ରଭାତ ହେବା ପର୍ଯ୍ୟନ୍ତ ଈଶ୍ୱରଙ୍କ ସହିତ ଯୁଦ୍ଧ କରିଥିଲେ ଓ ଏହାପରେ ହିଁ ସେ ସେହି ଯୁଦ୍ଧ ମଧ୍ୟରୁ ବାହାରି ଆସିଥିଲେ ।

‘‘ସେତେବେଳେ ଯାକୁବ ସେଠାରେ ଏକାକୀ ରହିଲେ, ତହୁଁ ଜଣେ ପୁରୁଷ ପ୍ରଭାତ ପର୍ଯ୍ୟନ୍ତ ତାଙ୍କ ସହିତ ମଲ୍ଲଯୁଦ୍ଧ କଲେ । ମାତ୍ର ତାହାଙ୍କୁ ଜୟ କରିପାରିଲେ ନାହିଁ ବୋଲି ସେ ଯାକୁବର ଊର ଦେଶର ସନ୍ଧି ସ୍ଥାନରେ ଆଘାତ କଲେ, ତାହାଙ୍କ ସହିତ ଏ ପ୍ରକାର ମଲ୍ଲଯୁଦ୍ଧ କରିବାରୁ ଯାକୁବଙ୍କ ଊରୁ ସନ୍ଧି ଖସିଗଲା’’ (ଆଦି ୩୨:୨୪–୨୫) ।

ସେଠାରେ ହିଁ ସମଗ୍ର ଇସ୍ରାଏଲ ଜାତିର ଜନ୍ମ ହୋଇଥିଲା । ପ୍ରତ୍ୟୁଷ ଅତି ଶକ୍ତିପୂର୍ଣ୍ଣ ଅଟେ । ଆପଣ ଯାହା କିଛି ପାଇବା ପାଇଁ ପ୍ରାର୍ଥନା କରୁଛନ୍ତି, ତାହାର ଉତ୍ତର ନ ପାଇବା ପର୍ଯ୍ୟନ୍ତ ପ୍ରାର୍ଥନା କରି ଚାଲନ୍ତୁ । ଅଟକି ଯାଆନ୍ତୁ ନାହିଁ । ପ୍ରାର୍ଥନା କରି ଚାଲନ୍ତୁ ଓ ଯାକୁବଙ୍କ ଭଳି ଯୁଦ୍ଧ କରି ଚାଲନ୍ତୁ । ପୁଣି ଆପଣ ପ୍ରତ୍ୟୁଷ ସମୟରେ ଆପଣଙ୍କର ସଫଳତା ପାଇବେ ।

ଦ୍ୱିତୀୟରେ, କାଳେ ତାଙ୍କର ଭାଇ ତାଙ୍କୁ ଆକ୍ରମଣ କରିବେ ବୋଲି ଭୟ କରି, ଯାକୁବ ଏଷୌଙ୍କ ନିକଟକୁ ଶାନ୍ତିର ଉପହାର ପ୍ରେରଣ କରିଥିଲେ ଓ ଏହା ଦ୍ୱାରା ତାଙ୍କର କ୍ରୋଧ ଶାନ୍ତ ହେବ ବୋଲି ସେ ଭାବିଥିଲେ । ମାତ୍ର ବାସ୍ତବରେ ଯାହା ଘଟିଥିଲା, ତାହା ଥିଲା – ଈଶ୍ୱର କୌଣସି ସମସ୍ୟା ନ ରଖି ଭାଇମାନଙ୍କ ମଧ୍ୟରେ ଶାନ୍ତି ଓ ପୁନର୍ମିଳନ ସ୍ଥାପନ କରିବାରେ ସମର୍ଥ ଥିଲେ । କିନ୍ତୁ ଯାକୁବଙ୍କୁ ଈଶ୍ୱର ତାଙ୍କ ପୃଷ୍ଠ ଭାଗରେ ଆଘାତ କରିଥିଲେ । ସେହି ଆଘାତ ପରେ, ଯାକୁବଙ୍କ ଚାଲି ପରିବର୍ତ୍ତିତ ହୋଇଥିଲା । ଈଶ୍ୱର ଆମ ଜୀବନରେ ମଧ୍ୟ କାର୍ଯ୍ୟ କରନ୍ତୁ । ଯେତେବେଳେ ସେ କାର୍ଯ୍ୟ କରିବେ, ସେତେବେଳେ ଆମର ଚାଲି ପରିବର୍ତ୍ତିତ ହେବ । ଆମେ ଆଉ ପୂର୍ବ ଭଳି ରହିବା ନାହିଁ । ମନେରଖନ୍ତୁ, ସେ ବାହାରି ଆସିବା ପରେ, ଏକ ନୂତନ ଜାତି ଗଠିତ ହୋଇଥିଲା ଓ ଆପଣ ବାହାରି ଆସିବା ପରେ, ଏକ ସମୟ ଉଦ୍ଭବ ହେବ ।

ମୁଁ ବିଶ୍ୱାସ କରୁଛି, ଏକ ବଡ଼ ବିଷୟ ଘଟିବାକୁ ଯାଉଛି । ଗୋଟିଏ ବଡ଼ ପରିବର୍ତ୍ତନ । ଏପରି ଏକ ସମୟ ଯେଉଁଥିରେ ଅତି ଅଧିକ ବିଷୟକୁ ବାଧା ଦିଆଯାଉଛି ଓ ଅନ୍ଧକାରର ବିଷୟ ଦ୍ୱାରା ବନ୍ଦୀ କରାଯାଉଛି । ପ୍ରତ୍ୟୁଷ ସମୟରେ କିଛି ଆରମ୍ଭ ହୁଏ । ସଫଳତାର ଏକ ନୂତନ ଅଧ୍ୟାୟ, ଏକ ନୂତନ ସମୟ । ବ୍ୟକ୍ତିଗତ ଭାବରେ, ପାରିବାରିକ ଭାବରେ, ମାଣ୍ଡଳିକ ଭାବରେ, ଜାତିଗତ ଭାବରେ କିଛି ଆରମ୍ଭ ହେବାକୁ ଯାଉଛି ।

ମାତ୍ର ଆମକୁ ଭଗ୍ନ ହେବାକୁ ପଡ଼ିବ । ଆମେ ଭଗ୍ନ ନ ହେଲେ ଆମେ ପ୍ରବେଶ କରିପାରିବା ନାହିଁ । କୁକ୍କୁଟୀ ଯେପରି ଠିକ୍ ସମୟରେ, ଠିକ୍ ଉତ୍ତାପରେ ବସି ରହି ଅଣ୍ଡା ଉଷୁମାଏ ଓ ଏହାପରେ ଅଣ୍ଡା ଭଗ୍ନ ହୋଇ ତା’ ମଧ୍ୟରୁ ଜୀବନ ବାହାରି ଆସେ, ଠିକ୍ ସେହିପରି ଯଦି ଆମେ କିପରି ଭଗ୍ନ କରିବାକୁ ହେବ, ତାହା ଜାଣିବା ନାହିଁ ତେବେ ଆମେ ଜନ୍ମ ଦେଇପାରିବା ନାହିଁ । ପ୍ରତ୍ୟୁଷ ସମୟରେ, ଆଲୋକ ଥାଏ, ମାତ୍ର ସେହି ଆଲୋକକୁ ପ୍ରବେଶ କରିବାକୁ ହୁଏ । ଥରେ ଏହା ନୂତନ ପ୍ରାରମ୍ଭିକତା ମଧ୍ୟକୁ ପ୍ରବେଶ କଲେ, ଏକ ନୂତନ ଆଲୋକର ସମୟ ଉପସ୍ଥିତ ହେବ ।

ଆମ ସମସ୍ତଙ୍କ ପାଇଁ ଏକ ସଫଳତାର ଆରମ୍ଭ ସମୟ ଆସୁ । କାରଣ ଈଶ୍ୱର ପ୍ରଭାତ ସମୟରେ ଆମକୁ ସାହାଯ୍ୟ କରିବେ । ଆପଣ ବିଚଳିତ ହେବେ ନାହିଁ । ଈଶ୍ୱର କେନ୍ଦ୍ରରେ ଅଛନ୍ତି । ସେହି ଦୃଢ଼ ବିଶ୍ୱାସର ସହିତ, ଆସନ୍ତୁ, ଆମେ ଅଗ୍ରସର ହେବା ।

ପ୍ରଭୁ ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ ।

*************

**ST. PAUL'S MATRICULATION SCHOOL,**
**Medavakkam, Chennai - 100. (Christian Management)**

1. **English Teachers** for K.G., Primary, Middle & Secondary School
2. **Hindi Teachers** for Primary & Higher Classes
3. Physical Education Teacher
4. Security & House Keeping Staff

Free Accommodation available.

Also Office Staff (with Computer Knowledge) for our Head Office at Chepauk, Chennai – 5.

Apply to : **sam@echoofhiscall.org**
Phone No: **+91 97908 05460, 044-2852 8282**

RNI NO. 70105/98, Postal Regn. No. TN/CH (C)/198/21-23 WPP NO. TN/PMG(CCR)/WPP-265/21-23

## ଆହ୍ୱାନର ପ୍ରତିଧ୍ୱନି

**YouTube**

Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ "ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

### *1. Bank : State Bank of India*

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **S. Sam Selva Raj** |
| A/C No. | : | **1023 2934 679** |
| IFSC | : | **SBIN 00 00 249** |
| SWIFT CODE | : | **SBI NIN BB 455** |

### *2. Bank : ICICI Bank*

| | | |
|---|---|---|
| Branch | : | **Anna Salai, Chennai-6** |
| Name | : | **Echo of His Call** |
| A/C No. | : | **6038 0502 2319** |
| IFSC | : | **ICIC 000 6038** |

### *3. Bank : State Bank of India*

**(This Account is for Tax Exemption for Indians only )**

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **Echo of His Call Educational Trust** |
| A/C No. | : | **1023 2923 805** |
| IFSC | : | **SBIN 00 00 249** |

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

**୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧ୍ୟମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।**

**ବାର୍ଷିକ ଦେୟ – ଟ. ୧୦୦/–** **ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ "ଆହ୍ୱାନର ପ୍ରତିଧ୍ୱନି" ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ "ଆହ୍ୱାନର ପ୍ରତିଧ୍ୱନି" ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ "ଆହ୍ୱାନର ପ୍ରତିଧ୍ୱନି" କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ–ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/21-23**
**Licence No. WPP. No. TN/PMG(CCR)/WPP-265/21-23**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th** MAY 2023.
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers**, New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**